ବର୍ଷ-୨୫, ସଂଖ୍ୟା-୫୦
ଭୁବନେଶ୍ୱର
୨୦, ଫେବୃଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 50
Bhubaneswar
20 February, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପାକିସ୍ତାନକୁ ପରାସ୍ତ କଲା ନ୍ୟୁଜିଲାଣ୍ଡ

## ଦିଲ୍ଲୀ ସମ୍ଭାଳିବେ ଆଉ ଜଣେ ମହିଳା

# ରେଖା ଗୁପ୍ତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୨:** ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା ହୋଇଛି। ଶାଲିମାର ବାଗରୁ ପ୍ରଥମ ଥର ବିଧାୟକ ଥିବା ରେଖା ଗୁପ୍ତା ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ହେବେ। ଆଜି ସନ୍ଧ୍ୟାରେ ବିଜେପି ବିଧାୟକ ଦଳ ବୈଠକରେ ତାଙ୍କ ନାଁକୁ ଅନୁମୋଦନ କରାଯାଇଥିଲା। ଦଳର ଉଭୟ ପର୍ଯ୍ୟବେକ୍ଷକ ରବି ଶଙ୍କର ପ୍ରସାଦ ଏବଂ ଓମ୍ ପ୍ରକାଶ ଧନଖଡ଼, ବିଧାୟକମାନଙ୍କ ସହ ଜଣକ ପରେ ଜଣେ କଥା ହୋଇଥିଲେ ଏବଂ ତାପରେ ରେଖା ଗୁପ୍ତାଙ୍କ ନାଁ ଘୋଷଣା କରିଥିଲେ। ଏହା ସହିତ ସେ ହେବେ ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ରେସ୍‌ରେ ଥିବା ପରବେଶ ସାହିବ ସିଂହ ବର୍ମା ହେବେ ଉପମୁଖ୍ୟମନ୍ତ୍ରୀ। ରୋହିଣୀ ବିଧାୟକ ବିରେନ୍ଦର ଗୁପ୍ତା ଦିଲ୍ଲୀ ବିଧାନସଭାର ବାଚସ୍ପତି ହେବେ। ଏହାପରେ ରେଖା ଗୁପ୍ତା ଦିଲ୍ଲୀ ଏଲଜି ଭିନାଇ କୁମାର ସକ୍ସେନାଙ୍କୁ ରାଜ ନିବାସରେ ଭେଟି ସରକାର ଗଠନ ନେଇ ଦାବି ଜଣାଇଛନ୍ତି। ଆସନ୍ତାକାଲି ଐତିହାସିକ ରାମଲୀଳା ମୈଦାନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ପୂର୍ବରୁ ମୁଖ୍ୟମନ୍ତ୍ରୀ



ପଦ ପାଇଁ ଅନେକଙ୍କ ନାଁ ଖବରରେ ଥିଲା, କିନ୍ତୁ ରେଖା ଗୁପ୍ତା ସମସ୍ତଙ୍କୁ ପଛରେ ପକାଇ ଦୌଡ଼ରେ ବିଜୟୀ ହୋଇଥିଲେ। ତାଙ୍କ ନାଁ ଘୋଷଣା ହେବା ସହିତ, ଦଳୀୟ କାର୍ଯ୍ୟାଳୟର ଏକ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା ଏବଂ ସମର୍ଥକମାନେ ବହୁତ ଆନନ୍ଦର ସହିତ ଉତ୍ସବ ପାଳନ କରିଥିଲେ।

ତାଙ୍କର ରାଜନୈତିକ କ୍ୟାରିଅର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦୌଲତ ରାମ କଲେଜରୁ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ, ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରେ ଯୋଗ ଦେଇଥିଲେ। ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ୧୯୯୪-୯୫ ମସିହାରେ ଦୌଲତ ରାମ କଲେଜର ସଚିବ ଏବଂ ପରେ ୧୯୯୫-୯୬ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ଏହା ପରେ ସ ୧୯୯୬-୯୭ ମସିହାରେ ଡିୟୁଏସ୍‌ୟୁର ସଭାପତି ହୋଇଥିଲେ। ୨୦୦୩-୨୦୦୪ ପର୍ଯ୍ୟନ୍ତ ସେ ଭାରତୀୟଜନତା ପାର୍ଟି ଯୁବ ମୋର୍ଚ୍ଚା ଦିଲ୍ଲୀର ସଚିବ ଭାବରେ କାର୍ଯ୍ୟ କରିଥିଲେ। ସେ ୨୦୦୭ ଏବଂ ୨୦୧୨ ରେ ଉତ୍ତର ପିତାମପୁରା (ୱାର୍ଡ-୫୪)ର କାଉନସିଲର ଭାବରେ ନିର୍ବାଚିତହୋଇଥିଲେ। ନଗର କାଉନସିଲର ହେବା ପରେ, ତାଙ୍କୁ ୨୦୦୭-୨୦୦୯ପର୍ଯ୍ୟନ୍ତ ମହିଳା କଲ୍ୟାଣ ଏବଂ ଶିଶୁ ବିକାଶ କମିଟିର ଅଧ୍ୟକ୍ଷା କରାଯାଇଥିଲା। ରେଖା ଗୁପ୍ତା ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ (ଶାଲିମାର ବାଗରୁ) ବିଧାୟକ ନିର୍ବାଚିତ ହୋଇଛନ୍ତି ପୂର୍ବରୁ, ସେ ୨୦୧୫ରେ ଦିଲ୍ଲୀ ବିଧାନସଭାନିର୍ବାଚନ ଲଢ଼ିଥିଲେ, କିନ୍ତୁ ଆମ ଆଦମୀ ପାର୍ଟି ପ୍ରାର୍ଥୀ ବନ୍ଦନା କୁମାରୀ ତାଙ୍କୁ ୧୦ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ଏହା ପରେ, ୨୦୨୦ ମସିହାରେ ମଧ୍ୟ ସେ

ବନ୍ଦନା କୁମାରୀଙ୍କ ଠାରୁ ୩୪୪୦ ଭୋଟରେ ପରାସ୍ତ ହୋଇଥିଲେ। ରେଖା ଗୁପ୍ତା ତାଙ୍କ ରାଜନୈତିକ କ୍ୟାରିୟର ସମୟରେ ସାଧାରଣ ଲୋକଙ୍କ ସହିତ ନିରନ୍ତର ଯୋଡ଼ି ହୋଇଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ ଅନେକ ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ବିଜେପି ୨୭ ବର୍ଷ ପରେ ଦିଲ୍ଲୀରେ ଶାସନ କରିବାକୁ ଯାଉଛି। ଏଥର ଦିଲ୍ଲୀ ବିଧାନସଭା ନିର୍ବାଚନରେ ୭୦ଟି ଆସନରୁ ବିଜେପି ୪୮ଟିରେ ବିଜୟୀ ହୋଇଥିବା ବେଳେ ଆପ୍ ମାତ୍ର ୨୨ଟି ଆସନ ପାଇଛି। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିାଲଙ୍କ ସମେତ ଦଳର ଆଗଧାଡ଼ିର ଅନେକନେତା ଏଥର ପରାସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମନୀଷ ସିସୋଦିଆ। ମଧ୍ୟ ରହିଛନ୍ତି ତେବେ କିଛି ମାସ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସିଥିବା ଆତିଶୀ ବିଜୟୀ ହୋଇଛନ୍ତି ।

# ପୀଡ଼ିତା ଛାତ୍ରୀଙ୍କୁ ମିଳିବ ନ୍ୟାୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨(ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟରେ ଗତ ରବିବାର ଦିନ ଇଞ୍ଜିନିୟରିଂ ଛାତ୍ରୀ ପ୍ରକୃତି ଲାମ୍ସା (୧୯)ଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଶ୍ରୀ ମାଝୀ ଆଜି ଦିଲ୍ଲୀରେ ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନସିଲର ସଂଜୀବ ଦାସ ଶର୍ମାଙ୍କ ସହିତ କଥା ହେବା ସହିତ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



କିଟ୍ ବିଶ୍ୱବିଦ୍ୟାଳୟରେ ସ୍ଥିତି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ଶ୍ରୀ ମାଝୀ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ କିଟ୍ ଫେରି ଆସିବା ପାଇଁ ଅପିଲ କରିଛନ୍ତି। ଏନେଇ ରାଜ୍ୟ ଅତିଥି ଭବନରେ ନେପାଳର ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଆରଜୁ ରାଣା ଦେଉବା ମଧ୍ୟ ଶ୍ରୀ ସୂରଜଙ୍କ ସହିତ ମୋବାଇଲ୍ ଫୋନ୍‌ରେ କଥା ହୋଇଥିଲେ। ରାଜ୍ୟ ସରକାର ଆଜି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଜଣେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏହି କମିଟି ଘଟଣାର ତଦନ୍ତ କରିବ। ଏହି କମିଟିରେ ଗୃହ ବିଭାଗର ପ୍ରମୁଖ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଓ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ମଧ୍ୟ ସାମିଲ କରାଯାଇଛି।

## କିଟ ବିଶ୍ୱବିଦ୍ୟାଳୟ ମାମଲାରେ ଗଠନ କମିଟିର ବୈଠକ

ଭୁବନେଶ୍ୱର, ୧୯।୨(ମହାଭାରତ.): କିଟ ବିଶ୍ୱବିଦ୍ୟାଳୟ ମାମଲାରେ ଗଠନ ହୋଇଥିବା କମିଟିର ବୈଠକ ଅନୁଷ୍ଠିତ ହୋଇଛି । ମୋଡାଲିଟି ଫିକ୍ସ ହୋଇଛି । ଅପରାହ୍ନରେ କମିଟି କିଟ ବିଶ୍ୱବିଦ୍ୟାଳୟ ଯିବାର କାର୍ଯ୍ୟକ୍ରମ ରହିଛି । ସେମାନେ ଆଜିଠାରୁ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିବେ ।

ନେପାଳ ସରକାରଙ୍କ ୨ ଜଣ ପ୍ରତିନିଧି ଓଡିଶା ଆସିଛନ୍ତି । ସେମାନଙ୍କ ସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତରେ ଲୋକସେବା ଭବନରେ ବୈଠକ ହୋଇଛି ବୋଲି ସୂରଜ ସୂର୍ଯ୍ୟବଂଶୀ କହିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ, ଗୃହ ସଚିବ, ଉଚ୍ଚଶିକ୍ଷାଙ୍କ ସହ ନେପାଳ ପ୍ରତିନିଧି ଆଲୋଚନା କରିଛନ୍ତି । ଘଟଣା ବାବଦରେ ଉଭୟ ପକ୍ଷଙ୍କ ମଧ୍ୟରେ ବିଷଦ ଆଲୋଚନା ହୋଇଛି । ସେମାନଙ୍କ କଥା, ଦାବି ରଖିଛନ୍ତି । ରାଜ୍ୟ ସରକାରଙ୍କ ପଦକ୍ଷେପରେ ସେମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବୈଠକ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେପାଳର ପ୍ରତିନିଧିଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି । ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ (ଆରଜୁ ରାଣା ଦେଉବା) ମୁଁ ବ୍ୟକ୍ତିଗତ ଭାବେ ଫୋନରେ କଥା ହୋଇଛି । ରାଜ୍ୟ ସରକାରଙ୍କ ପଦକ୍ଷେପ ବାବଦରେ ମୁଁ ତାଙ୍କୁ ଅବଗତ କରିଛି । ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଫେରିଆସିଥିବା, ଫେରୁଥିବା ଓ ଫେରିବାକୁ ଥିବା ଛାତ୍ରଛାତ୍ରୀ ଯେମିତି ମାନସିକ ନିର୍ଯ୍ୟାତନାର ଶିକାର ନହୁନ୍ତି, ସେମାନଙ୍କର ଦାବି ରହିଛି । ସେଥିପାଇଁ ଆମେ ସରକାରୀ ସ୍ତରରେ ପଦକ୍ଷେପ ନେଉଛୁ । ଆଜି ସନ୍ଧ୍ୟା ସୁଦ୍ଧା ଏକ ହେଲ୍ପ ଲାଇନ ନମ୍ବର ଜାରୀ କରିବୁ । ହେଲ୍ପ ଡେସ୍କ ଜରିଆରେ ସରକାରଙ୍କ ସହ ସିଧାସଳଖ ସମ୍ପର୍କ ହେବା ଦ୍ୱାରା ନେପାଳର ଛାତ୍ରଛାତ୍ରୀଙ୍କୁ ସାହସ ମିଳିବ । ଆସନ୍ତା ୨୮ ତାରିଖରେ କିଛି ପିଲାଙ୍କ ପରୀକ୍ଷା ରହିଛି । ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛୁ ବୋଲି ସୂରଜ ସୂର୍ଯ୍ୟବଂଶୀ କହିଛନ୍ତି ।

## ୫ ବର୍ଷରେ ୩୬ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରା ପଡିଛନ୍ତି

ଭୁବନେଶ୍ୱର, ୧୯।୨ (ମହାଭାରତ) : ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରା ପଡିଛନ୍ତି, ଆଉ ସେମାନଙ୍କଠାରୁ ୪ ଲକ୍ଷ ୯୭ ହଜାର ୫୦୦ ଟଙ୍କାର ଜରିମାନା ଆଦାୟ ହୋଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ପ୍ରଦାନ କରିଛନ୍ତି। ୮ ଜଣ ବଡ଼ ବ୍ୟବସାୟୀ ନକଲି ହଲମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିଛନ୍ତି।

ବିଧାନସଭାରେ ଏନେଇ ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ କରିଥିଲେ। ଗତ ୫ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାନକ ଓ ମାପକରେ ତ୍ରୁଟି ଧରାଯାଇଛି ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ ପଚାରିଥିଲେ।

ଏହାର ଉତ୍ତର ମନ୍ତ୍ରୀ ରଖିଥିଲେ। ମନ୍ତ୍ରୀଙ୍କ ସୂଚନା ମୁତାବକ, କିଛି ଦୋକାନୀ ଓଜନ ମାପରେ ଠକେଇ କରୁଛନ୍ତି । ଆଉ ସରକାର ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ମିଶନ ଶକ୍ତି ପାଇଁ ଗୃହରେ ବିରୋଧୀଙ୍କ ତୁମ୍ବିତୋଫାନ

**ଭୁବନେଶ୍ୱର, ୧୯।୨ (ମହାଭାରତ) :** ମିଶନ ଶକ୍ତି ମହିଳାଙ୍କ ପ୍ରସଙ୍ଗକୁ ନେଇ ଉଠୁଛି ପଡୁଛି ରାଜଧାନୀ। ବିଧାନସଭାରୁ ଗାନ୍ଧୀମାର୍ଗ, ସବୁଠି ହୋ ହଲ୍ଲା, ନାରାବାଜି। ବିରୋଧୀ ଏହି ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରୁଥିବା ବେଳେ ଲୋୟର ପିଏମଜିରେ ମିଶନ ଶକ୍ତି ମାଙ୍କ ପ୍ରତିବାଦ ସରକାରଙ୍କୁ ଅକଳରେ ପକାଇଛି।

ମିସନ ଶକ୍ତିକୁ ସରକାର ଭାଙ୍ଗିବାକୁ ଚାହୁଁଛନ୍ତି ବୋଲି ବିରୋଧୀ ଦଳ ବିଜେଡ଼ି ପକ୍ଷରୁ ଶାସକ ଦଳ ବିରୋଧରେ ଅଭିଯୋଗ ଆଣିଥିଲେ। ମିସନ ଶକ୍ତି ମହିଳାଙ୍କୁ ଭ୍ରମିତ କରାଯାଉଛି ବୋଲି ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ। ମିସନ ଶକ୍ତି ଇସି ସଦସ୍ୟଙ୍କୁ ନେଇ ରଣେନ୍ଦ୍ର କହିନ୍ତି କେନ୍ଦ୍ର ସରକାର ୧୯୯୯ ମସିହା ଏପ୍ରିଲ ପହିଲାରୁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଆରମ୍ଭ କରିଥିଲେ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଅଙ୍ଗନବାଡି କର୍ମୀ ଇସି ସଦସ୍ୟଙ୍କୁ ବଛା ଯାଇ ମହିଳା ମହାସଂଘକୁ କାର୍ଯ୍ୟଭାର ଦିଆଯାଇଥିଲା। ଏମାନେ ନିର୍ବାଚିତ ଲୋକ ପ୍ରତିନିଧି ନୁହନ୍ତି। ତୃଣମୂଳସ୍ତରର ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ



କରାଇବା କାର୍ଯ୍ୟ ମିସନ ଶକ୍ତି କରିଆସୁଛି। ମିସନ ଶକ୍ତିର ଇସିମାନେ ବୈଠକ ବାବଦରେ ସିଟିଂ ଆଲାଉନ୍ସ ପାଉଥିଲେ। ଏହା ବ୍ୟତୀତ ମାସିକ ୧ ହଜାର ଟଙ୍କା ଫିକ୍ସଡ୍ ଟ୍ରାଭେଲିଂ ଆଲାଉନ୍ସ ସେମାନଙ୍କୁ ଦିଆଯାଉଥିଲା। ଇସି ମହିଳାଙ୍କୁ ବିନା ସୁଧରେ ପୂର୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସ୍କୁଟି ପ୍ରଦାନ କରିଥିଲେ । ମିଶନ ଶକ୍ତି ମହିଳାଙ୍କୁ ନ୍ୟାୟ ଦାବିରେ ଗୃହ କମ୍ପିଥିଲା। ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ ବିରୋଧୀ। ପୋଡିୟମ ତଳେ ବିରୋଧୀଙ୍କ ହୋ ହଲ୍ଲା, ନାରାବାଜି ଯୋଗୁଁ, ଗୃହକାର୍ଯ୍ୟକୁ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ ବାଚସ୍ପତି। ଏତିକିରେ ଥମିନଥିଲେ ବିରୋଧୀ। ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ବିଧାୟକ ମାନେ ପ୍ରତିବାଦ କରିବା ସହ ସରକାରଙ୍କୁ ମାରିଥିଲେ ବାଣ। ମିଶନ ଶକ୍ତିକୁ ଭାଙ୍ଗିବାକୁ ସରକାର ଚେଷ୍ଟା କରୁଥିବାର ସଙ୍ଗିନ ଅଭିଯୋଗ ଆଣିଛି ବିଜେଡି। ଦେଢ଼ ଲକ୍ଷ ମିଶନ ଶକ୍ତି ଇ.ସି ମହିଳାଙ୍କୁ ହଟାଇବା ପରିବର୍ତ୍ତେ ସଶକ୍ତ କରିବାକୁ ଦାବି କରିଛି ଦଳ। ବିଜେପି ନିଜ ସପକ୍ଷରେ ଯୁକ୍ତି ବାଢି କହିଛି, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପୂର୍ବ ସରକାର କିଛି କରିନାହାନ୍ତି। ଡବଲ ଇଞ୍ଜିନ ସରକାରରେ ମିଶନ ଶକ୍ତି ମହିଳାଙ୍କୁ ସଶକ୍ତ କରାଯିବ। କଂଗ୍ରେସ ଉଭୟଙ୍କ ଉପରେ ବର୍ଷିବା ସହ କହିଛି, ପୂର୍ବ ସରକାର ମିଶନ ଶକ୍ତି ମହିଳାଙ୍କୁ ଅଧା ରାସ୍ତାରେ ଛାଡ଼ି ଚାଲିଗଲେ। ନୂଆ ସରକାର ମିଶନ ଶକ୍ତି ମାଆଙ୍କ କଥା ଶୁଣୁନାହାନ୍ତି।

ମିଶନ ଶକ୍ତି ଝଡ କେବଳ ଗୃହ ଭିତରେ ସୀମିତ ରହିନି। ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବି ଶୁଭିଛି ମିଶନ ଶକ୍ତି ମାଙ୍କର ଗର୍ଜନ। ଧାରଣାସ୍ଥଳରେ ୭ ଦିନ ବିତିଥିଲେ ମଧ୍ୟ ସରକାର ଦାବି ଶୁଣୁନଥିବାରୁ ଚେତାବନୀ ଦେଇଛନ୍ତି।

ମିଶନ ଶକ୍ତି ମାଙ୍କ ପ୍ରସଙ୍ଗକୁ ନେଇ ଆଜି ବିଧାନସଭାର ପ୍ରଶ୍ନକାଳ ସମ୍ପୂର୍ଣ୍ଣ ଧୋଇଯାଇଛି। ବିରୋଧୀ ଏହି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣୁନଥିବା ବେଳେ ସରକାର ଦାବି ପୂରଣ ପାଇଁ ସବୁଜ ସଂକେତ ଦେଉନାହାନ୍ତି। ବିରୋଧୀ ଓ ଶାସକ ଦଳର ଦୋଷ ଠେଲାଠେଲି ରାଜନୀତିରେ ବଳି ପଡିଛି ସାରା ଓଡ଼ିଶାର ସ୍ୱାର୍ଥ।

# ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୯।୨(ମହାଭାରତ): ରାଜ୍ୟରେ ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା। ବିଧାନସଭାରେ ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି।ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଏଭଳି ଉତ୍ତର ଦେଇଛନ୍ତିଯେ ରାଜ୍ୟରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। କେନ୍ଦୁଝରରେ ସର୍ବାଧିକ ୩୫ ହଜାର ୫୫୦ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇଥିଲେ ।

ସେହିପରି ଗଞ୍ଜାମରେ ୨୫ ହଜାର ୭୮୯, ମୟୂରଭଞ୍ଜରେ ୨୩ହଜାର ୭୯୯, ରାୟଗଡାରେ ୨୨ ହଜାର ୪୧୧ଜଣ ମୃତ ବ୍ୟକ୍ତି ରାସନ ଚାଉଳ ଉଠାଉଥିବା ମନ୍ତ୍ରୀ କହିଛନ୍ତି ।ବିଜେଡି ବିଧାୟକ ଗଣେଶ୍ୱର ବେହେରା ବିଧାନସଭାରେ ଆଜି ପର୍ଯ୍ୟନ୍ତ କେତେ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି, ତାର ରିପୋର୍ଟ ମାଗିଥିଲେ । ଯାହାର ଉତ୍ତର ଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ କୋଟି ୯୯ ଲକ୍ଷ ୫୦ ହଜାର ୮୨୦ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି ।ସେମାନଙ୍କ ମଧ୍ୟରୁ ୨ କୋଟି ୯୮ ଲକ୍ଷ ୧୪ ହଜାର ୯୨୧ ହିତାଧିକାରୀ ଓଡ଼ିଶା ଭିତରେ ଥାଇ ଏବଂ ୧ ଲକ୍ଷ ୩୫ ହଜାର ୮୯୯ ପିଡିଏସ୍ ହିତାଧିକାରୀ ଓଡ଼ିଶା ବାହାରେ ଥାଇ ନିଜ ଇ-କେୱାଇସି କରାଇଛନ୍ତି। ତେବେ ଯାଞ୍ଚ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାମ ରାସନ କାର୍ଡ ତଥ୍ୟାବଳୀରେ ରହିଥିବା ଚିହ୍ନଟ କରାଯାଇଛି। ଜଣାପଡ଼ିବା ପରେ ସେମାନଙ୍କୁ ରାସନ କାର୍ଡ ତଥ୍ୟାବଳୀରୁ ବାଦ୍ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ମୃତକଙ୍କ ନାମରେ ରାସନ ଚାଉଳ ନିଆଯାଉଥିଲା। ସେମାନଙ୍କ ଅନ୍ୟପଟେ ରାଜ୍ୟରେ ଇ-କେୱାଇସି ଯାଞ୍ଚ ସମୟରେ, ୧୬ ହଜାର ୧୮୪ ଜଣ ଅଯୋଗ୍ୟ ପରିବାର ରାସନ କାର୍ଡ ନେଇଥିବା ଜଣାପଡ଼ିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟରେ ନାହିଁ ଆଳୁ ସମସ୍ୟା

**ଭୁବନେଶ୍ୱର, ୧୯।୨(ମହାଭାରତ):** ଗତ କିଛି ମାସ ଧରି ଆଳୁ ବଜାର ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିବା ବେଳେ ଏବେ ବେଶ୍ ହାତସୁଆ। ରହିଛି ଆଳୁ ଦର। ଆଳୁ କିଲୋ ପ୍ରତି ୨୦ ଟଙ୍କାରେ ବିକ୍ରି ହେଉଛି। ଯାହାକୁ ନେଇ ଆଜି ଗୃହରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି, ଆଳୁ ସାଧାରଣତଃ ପଶ୍ଚିମବଙ୍ଗରୁ ଆମଦାନୀ କରାଯାଏ । ହେଲେ ଗତବର୍ଷ ଜୁଲାଇ ମାସ ଆଡକୁ ପଶ୍ଚିମବଙ୍ଗ ସରକାର ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ କଟକଣା ଲଗାଇବାରୁ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେବା ସହ ମୂଲ୍ୟ ଅହେତୁକ ବୃଦ୍ଧି ହୋଇଥିଲା। ଏଥିସହିତ ମନ୍ତ୍ରୀ ତଥ୍ୟ ଦେଇ କହିଛନ୍ତି, ଆଳୁ ସଙ୍କଟ ପାଇଁ ସରକାର ନେଇଥିବା ପଦକ୍ଷେପରେ, ଉତ୍ତର ପ୍ରଦେଶରୁ ୬୦୦ କୁଇଣ୍ଟାଲ ଆଳୁ ଓଡ଼ିଶା ଆସିଛି। ସେହିପରି ଉତ୍ତରପ୍ରଦେଶ, ପଞ୍ଜାବ ଆଦି ସ୍ଥାନରୁ ଦୈନିକ ହାରାହାରି ୮୦୦୦ ରୁ ୧୦ ହଜାର କୁଇଣ୍ଟାଲ ଆଳୁ ଓଡିଶାକୁ ଅଣାଯାଇ ବିକ୍ରୀ କରାଯାଇଥିଲା। ଡିସେମ୍ବର ଓ ଜାନୁଆରୀ ୨୦ ଭିତରେ ୨୫୦ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିବା ସ୍ଥଳେ ୩୬ ଜଣ ଖିଲାପକାରି ବ୍ୟବସାୟୀଙ୍କ ଠାରୁ ୨୯,୧୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା।

## ସିଏମ କିଷାନରେ ୪୫ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେଲାଣି

**ଭୁବନେଶ୍ୱର, ୧୯।୨ (ମହାଭାରତ) :** ସିଏମ କିଷାନରେ ଏବେ ଉପକୃତ ହେଲେଣି ୪୫ ଲକ୍ଷରୁ ଅଧିକ ଲୋକ। ଏନେଇ ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂହ ଦେଓ। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଜଣ ଚାଷୀ ରହିଛନ୍ତି। ଏହା ମଧ୍ୟରୁ ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ, ୮ ଲକ୍ଷ ୮୭ ହଜାର ୨୭୨ ଜଣ କ୍ଷୁଦ୍ର ଚାଷୀ ଓ ୩୬ ଲକ୍ଷ ୩୬ ହଜାର ୬୫୮ ଜଣ ନାମମାତ୍ର ଚାଷୀ ରହିଛନ୍ତି । ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନନ ସମ୍ମାନ ନିଧି ଯୋଜନା ବା ପିଏମ୍ କିଷାନରେ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହୋଇଛନ୍ତି। ସେହିପରି ସିଏମ୍ କିଷାନ ମାଧ୍ୟମରେ ୪୫ ଲକ୍ଷ ୫୭ ହଜାର ୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯ ହଜାର ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୧୫ ଲକ୍ଷ ୧୭ ହଜାର ଚାଷୀ ଖରିଫରେ ଓ ୧ ଲକ୍ଷ ୮୩ ହଜାର ଚାଷୀ ରବିରେ ପଞ୍ଜୀକରଣ କରିଛନ୍ତି।

# ଓଡ଼ିଶାକୁ ମିଳିଲା ୨୫୫ କୋଟିର ବିପର୍ଯ୍ୟୟ ସହାୟତା

ନୂଆଦିଲ୍ଲୀ, ୧୯।୨(ମହାଭାରତ.): କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଥିବା ଉଚ୍ଚସ୍ତରୀୟ କମିଟି ୫ଟି ରାଜ୍ୟ ପାଇଁ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି।

୨୦୨୪ ମସିହାରେ ଆନ୍ଧ୍ରପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ତେଲଙ୍ଗାନା ଓ ତ୍ରିପୁରାରେ ହୋଇଥିବା ବନ୍ୟା/ଆକସ୍ମିକ ବନ୍ୟା, ଭୂସ୍ଖଳନ ଓ ସାମୁଦ୍ରିକ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ଏହି ପାଣ୍ଠି ଆବଣ୍ଟନ କରାଯିବ। ଓଡ଼ିଶାକୁ ପାଇବ ୨୫୫.୨୪ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଏହି ପାଞ୍ଚଟି ରାଜ୍ୟର ଲୋକଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫ ଅଧୀନରେ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫ ଅଧୀନରେ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚଏଲସି)



୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ପାଞ୍ଚଟି ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଏହି ପାଞ୍ଚଟି ରାଜ୍ୟର ଲୋକଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଉଚ୍ଚସ୍ତରୀୟ କମିଟି ଏନଡିଆରଏଫ ଅଧୀନରେ ପାଞ୍ଚଟି ରାଜ୍ୟକୁ ୧୫୫୪.୯୯ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି, ଯାହା କି ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ଅଧୀନରେ ରହିବ । ମୋଟ ୧୫୫୪.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି ଟଙ୍କା, ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା, ତେଲଙ୍ଗାନା ପାଇଁ ୨୩୧.୭୫ କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ରହିଛି । ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଅରେଏଫ)ରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ, ଯାହା ପୂର୍ବରୁ ରାଜ୍ୟମାନଙ୍କ ପାଇଁ ଉପଲବ୍ଧ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୪ଟି ରାଜ୍ୟକୁ ୨,୨୦୮.୫୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଆନୁଷ୍ଠାନିକ ସ୍ମାରକପତ୍ର ପାଇବାକୁ ଅପେକ୍ଷା ନକରି ବିପର୍ଯ୍ୟୟ ପରେ ତୁରନ୍ତ ଏହି ରାଜ୍ୟଗୁଡ଼ିକୁ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମସିଟି) ପଠାଇଥିଲେ।

# ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆ।ବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁୟ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

# ପୁଣିଥରେ ୱାଘା ବର୍ଡର ପାର୍ କଲେ ନନ୍ଦିତା ଦାସ



ପୁଣିଥରେ ୱାଘା ବର୍ଡର ଅତିକ୍ରମ କଲେ ସିନେ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା।ଏଥିସହ ସେଠାରେ ଭିଡିଓ କରି ପ୍ରଶଂସକଙ୍କୁ ନିଜ ଅଦ୍ଭୁତ ଅନୁଭୂତି ବିଷୟରେ ମଧ୍ୟ ଜଣାଇଲେ। ନିଜ ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ଦ୍ୱାରା ଦର୍ଶକଙ୍କ ହୃଦୟ ଜିତିଥିବା ନନ୍ଦିତା ଦାସ ତାଙ୍କ ଇନଷ୍ଟାଗ୍ରାମ ଆକାଉ□ରେ ଏକ ଖାସ୍ ଅନୁଭୂତି ଶେୟାର କରିଛନ୍ତି। ସେ ଅନୁତାପ କରିଛନ୍ତି ଯେ, ସେ ଏହି ଅନୁଭୂତିର ରିଅଲ୍ ଟାଇମ୍ ଭିଡିଓ ଶେୟାର କରିପାରି ନାହାନ୍ତି। ବଲିଉଡ୍ ସମେତ ଅନେକ ଭାଷାର ସିନେମାରେ କାମ କରି ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଓଡ଼ିଆ ଝିଅ ନନ୍ଦିତା ଦାସ ତାଙ୍କର କିଛି ସାଥୀଙ୍କ ସହ ନୋ ମ୍ୟାନ୍ସ ଲ୍ୟାଣ୍ଡରେ ପହଞ୍ଚିଛନ୍ତି ଏବଂ ୱାଘା ବର୍ଡର ମଧ୍ୟ ପାର କରିଛନ୍ତି।ନୋ ମ୍ୟାନ୍ସ ଲ୍ୟାଣ୍ଡ ଅର୍ଥାତ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ କିଛି ମିଟର ସ୍ଥାନ, ଯେଉଁଠାରେ କେହି ବାସ କରନ୍ତି ନାହିଁ। ଏହି ସ୍ଥାନରେ ପହଞ୍ଚିବା ମାତ୍ରେ ନନ୍ଦିତା ନିଜ ପ୍ରଶଂସକଙ୍କ ସହ ସେହି ଭାବନା ଏବଂ ଉତ୍ସାହକୁ ଶେୟାର ନ କରି ରହିପାରିଲେ ନାହିଁ।

ନନ୍ଦିତା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଏହି ଭିଡିଓ ପୋଷ୍ଟ କରିଛନ୍ତି। ପୋଷ୍ଟରେ ସେ ତାଙ୍କ କ୍ୟାମେରାକୁ ଲଗାତର ଭାବେ ବୁଲାଇ ଦେଖାଉଛନ୍ତି ଯେ, ସେ ନୋ ମ୍ୟାନ୍ସ ଲ୍ୟାଣ୍ଡରେ ପହଞ୍ଚିଛନ୍ତି। ଏହା ଭାରତ ନୁହେଁ କି ପାକିସ୍ତାନ ନୁହେଁ। ଏହି ଭିଡିଓରେ ତାଙ୍କ ଆଖପାଖରେ ଆଉ କିଛି ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ନନ୍ଦିତା ଦାସ ୱାଘା ବର୍ଡରରୁ ଏହି ଭିଡିଓ କରିଛନ୍ତି, ଯାହା ଅମୃତସର ନିକଟରେ ଅବସ୍ଥିତ। ନନ୍ଦିତା ଏହି ଭିଡିଓର କ୍ୟାପ୍ସନରେ ଲେଖିଛନ୍ତି ଯେ, ସେ ଏହି ଭିଡିଓକୁ ପ୍ରକୃତ ସମୟରେ ପୋଷ୍ଟ କରିପାରି ନାହାନ୍ତି। କାରଣ ସେ ଏହି ମୁହୂର୍ତ୍ତକୁ ଉପଭୋଗ କରିବାକୁ ଚାହୁଁଥିଲେ।ନନ୍ଦିତା ଦାସ ଭିଡିଓ କ୍ୟାପସନରେ ଏହା ମଧ୍ୟ ଶେୟାର କରିଛନ୍ତି ଯେ, ସେ ପ୍ରଥମେ ୧୯୯୬ ମସିହାରେ ଏହି ବର୍ଡର ଅତିକ୍ରମ କରିଥିଲେ। ଏହା ତାଙ୍କ ପାଇଁ ସବୁବେଳେ ଏକ ରୋମାଞ୍ଚକର ଏବଂ ଭାବପ୍ରବଣ ଅନୁଭୂତି ରହିଛି। ନିଜ କାମକୁ ନେଇ ଅନେକ ଥର ସେ ଏହି ସ୍ଥାନକୁ ଆସିଛନ୍ତି। ଦୀର୍ଘ ୮ ବର୍ଷ ପରେ ସେ ପୁଣି ଥରେ ଏହି ବର୍ଡରକୁ ଆସିଛନ୍ତି ବୋଲି ନନ୍ଦିତା କ୍ୟାପ୍ସନରେ ଲେଖିଛନ୍ତି। ତାଙ୍କ ମୁତାବକ, ଏହା ପୂର୍ବରୁ ଯେତେବେଳେ ସେ ଏଠାକୁ ଆସିଥିଲେ, ସେବେଠାରୁ ବର୍ତ୍ତମାନ ଭିତରେ ଏହି ଜାଗା ବହୁତ ବଦଳିଯାଇଛି।

# ଦାନ ଧର୍ମ କଲେ ବୃଦ୍ଧି ପାଏ ଧନସମ୍ପତ୍ତି



ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ । ତାହା ଆପଣାର ନୁହେଁ, ପ୍ରାଣୀମାତ୍ରକେ ଏହା ଉପରେ ଅଧିକାର ରହିଛି। ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ । ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର । ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍ ।

# ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ



ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆ।ଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

- ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆ।ମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆ।ମକୁ ଥକ୍କା ମଧ୍ୟ ଲାଗେ।
- ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।
- ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।
- ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋଟୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

# ନକାରାତ୍ମକ ଶକ୍ତିର ସଂହାରକର୍ତ୍ତା



ମହାଭାରତର ଚରିତ୍ର ଭୀମ, ଦୁର୍ଯ୍ୟୋଧନ, ଜରାସନ୍ଧ, ବଳରାମ ଆଦି ପ୍ରଖ୍ୟାତ ଗଦାଧାରୀ ଥିଲେ । ବିଶ୍ୱର ସବୁଠୁ ବଡ଼ ମହାକାବ୍ୟରେ ଗଦା ଯୁଦ୍ଧ ଜାଣିଥିବା ବିଶେଷଜ୍ଞଙ୍କ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ବୀର ହନୁମାନ ମଧ୍ୟ ଗଦାଧାରୀ ଥିଲେ। ତେବେ ସେ ନିଜ ଗଦା ସାହାଯ୍ୟରେ ନକାରାତ୍ମକ ଶକ୍ତିର ସଂହାର କରୁଥିଲେ । ଗଦା ଏକ ପ୍ରାଚୀନ ଅସ୍ତ୍ର, ଯାହାକି ତ୍ରେତୟା ଯୁଗ ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା । ଅଗ୍ନି ପୁରାଣରେ ଗଦା ଯୁଦ୍ଧକୁ ଆହତ, ଗୋମୂତ୍ର, ପ୍ରଭୁତ, କମଳାସନ, ଉର୍ଦ୍ଧ୍ୱଗତ୍ର, ନମିତ, ବାମଦକ୍ଷିଣ, ଆବୃତ୍ତ, ପରାବୃଦ୍ଧ, ପଦୋଦ୍ଭୂତ, ଅବପ୍ଲୁତ, ହଂସମାର୍ଗ ବୋଲି କୁହାଯାଇଛି ।

ଗଦାଧାରୀ ହନୁମାନଙ୍କ ଉପାସନା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ । ନିଷ୍ଠାର ସହକାରେ ପ୍ରାର୍ଥନା କଲେ ସେ ସନ୍ତୁଷ୍ଟ ହୁଅନ୍ତି । ତାଙ୍କ କୃପାରୁ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ । ଶ୍ରୀରାମ ଭକ୍ତ ହନୁମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ପ୍ରତିଦିନ ହନୁମାନ ଚାଳୀସା ପାଠ କରିବା ଆବଶ୍ୟକ । ବାରମ୍ବାର ସମସ୍ୟା ଏବଂ କାର୍ଯ୍ୟରେ ବାଧା ଉତ୍ପନ୍ନ ହେଉଥିଲେ ପ୍ରତି ମଙ୍ଗଳବାର ହନୁମାନ ମନ୍ଦିର ଯାଇ ଗୁଡ଼ ଏବଂ ଚଣା ପ୍ରସାଦ ଅର୍ପଣ କରିବା ଆବଶ୍ୟକ । ସେହି ପ୍ରସାଦକୁ ମନ୍ଦିରରେ ହିଁ ବାଣ୍ଟିଦେବା ଉଚିତ୍ । ପ୍ରତିଦିନ ସକାଳୁ ନିମ୍ନୋକ୍ତ ମନ୍ତ୍ର ଜପ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ ।

ମନ୍ତ୍ର - "ଆଦିଦେବ ନମସ୍ତୁଭ୍ୟଂ ସପ୍ତସପ୍ତେ ଦିବାକର, ତ୍ୱଂ ରେ୍ୱ ତାରୟ ସ୍ୱାର୍‌ମାନର୍ମାତ୍‌ସଂସାର ସାଗରାତ୍"

ଏହି ମନ୍ତ୍ର ଜପ କରିବା ଦ୍ୱାରା ବାଧାରୁ ମୁକ୍ତି ମିଳିଥାଏ । ହନୁମାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସିନ୍ଦୁର ଏବଂ ଚମେଲି ତେଲ ଅର୍ପଣ କରି ପୂଜା କରାଯିବା ଉତ୍ତମ । ହନୁମାନ ଜୟନ୍ତୀ ଦିନ ହନୁମାନ ଚାଳୀସା, ହନୁମତ ଅଷ୍ଟକ ଏବଂ ବଜରଙ୍ଗ ବାଣ ପାଠ କରିବା ଉଚିତ୍ । ସେହି ଦିନ ହନୁମାନଙ୍କ ଆରାଧାନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ଏବଂ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ ।

ଓଁ କ୍ରାଂ କ୍ରିଂ କ୍ରୌଂ ସଃ ଭୌମାୟ ନମଃ ମନ୍ତ୍ରର ଏକ ମାଳା ଜପ ମଙ୍ଗଳ କରିବା ଶୁଭ ହୋଇଥାଏ ।

ବ୍ୟବସାୟରେ ବୃଦ୍ଧି ନିମନ୍ତେ ହନୁମାନଙ୍କ ସିନ୍ଦୂର ରଙ୍ଗର ବସ୍ତ୍ର ଅର୍ପଣ କରିବା ଆବଶ୍ୟକ । ହନୁମାନ ଜୟନ୍ତୀରେ ମନ୍ଦିର ଛାତ ଉପରେ ଲାଲ ରଙ୍ଗର ପତାକା ଉଡ଼ାଇବା ଦ୍ୱାରା ଆକସ୍ମିକ ଅଘଟଣରୁ ମୁକ୍ତି ମିଳିଥାଏ । ଶକ୍ତିବୃଦ୍ଧି ନିମନ୍ତେ ହନୁମାନ ଚାଳୀଶା, ସୁନ୍ଦରାକାଣ୍ଡ, ରାମାୟଣ ଆଦି ପାଠ କରିବା ଆବଶ୍ୟକ ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ଦେଇଶପୁରରେ କଂଗ୍ରେସର ସଂକଳ୍ପ ପଦଯାତ୍ରା

**ଭୁବନେଶ୍ୱର,୧୯।୨ (ମହାଭାରତ):** ନବନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଏବଂ ନେତୃତ୍ୱରେ ୩ ଦିନ ଧରି ଚାଲିବାକୁ ଥିବା ସଂକଳ୍ପ ପଦଯାତ୍ରାର ଦ୍ୱିତୀୟ ଦିବସରେ ସକାଳ ୮.୩୦ ଘଟିକା ସମୟରେ ପିପିଲି ଠାରୁ ଆରମ୍ଭ ହୋଇ ମଙ୍ଗଳପୁର ଦେଇ ଦେଇଶପୁର ଠାରେ ପହଂଚିଥିଲା। କଟକ ନଗର, ଗଞ୍ଜାମ ପୂର୍ବ, ଗଞ୍ଜାମ ପଶ୍ଚିମ, ନବରଙ୍ଗପୁର, ସମ୍ବଲପୁର ଓ ପୁରୀର କଂଗ୍ରେସ କର୍ମୀ ଜିଲ୍ଲା ସଭାପତି, ବିଧାୟକ, ବିଧାୟକ ପ୍ରାର୍ଥୀ, ସାଂସଦ ପାର୍ଥୀ, ଯୁବ, ଛାତ୍ର, ମହିଳା କଂଗ୍ରେସ, ସେବାଦଳର ନେତୃବୃନ୍ଦ ଓ କର୍ମୀମାନେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ ପିସିସି ସଭାପତି ଶ୍ରୀ ଦାସଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ପିପିଲ ହାଟ ଛକ ଠାରେ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମି ଦିକ୍ଷିତ, ବିଶ୍ୱଭୂଷଣ ହରିଚନ୍ଦନ ମହାପାତ୍ର, ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କମୀ ଶ୍ରୀଯୁକ୍ତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଡେଇଶପୁର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଥିଲା। ପିସିସି ସଭାପତି ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଂକଳ୍ପ ପଦଯାତ୍ରା କମିଟି ଅଧକ୍ଷ ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ବିଧାୟକ ରମେଶ ଜେନା, ମନୋରଞ୍ଜନ ତ୍ରିପାଠୀ, ନକୁଳ ନାୟକ, ମନୋଜ ଜେନା, ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମୃତ୍ୟୁଞ୍ଜୟ ନାୟକଙ୍କ ପ୍ରତି ଶୋକ ପ୍ରକାଶ କରିବା ସହ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ପଦଯାତ୍ରା ପଟ୍ଟନାୟିକୀୟା ଛକ ଠାରେ ପହଂଚିବା ପରେ କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଏବଂ ମିଳନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଛାତ୍ର, ଯୁବ ଓ ମହିଳା କର୍ମୀମାନେ ଶ୍ରୀଯୁକ୍ତ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସନ୍ଧ୍ୟା ୭.୪୦ ମିନିଟ୍‌ରେ ଚନ୍ଦନପୁର ଠାରେ ପହଂଚିବା ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଉପାବଲ୍ଲଭ ରଥଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନେତୃବର୍ଗ ବିଷ୍ଣୁ ପ୍ରସାଦ ମିଶ୍ର, ଜୟଶ୍ରୀ ପାତ୍ର, ସସ୍ମିତା ବେହେରା, ଅବିନାଶ ମିଶ୍ର, ଦାମଦୋର ପ୍ରଧାନ, ଦାମଦୋର ମହାପାତ୍ର, ହରପ୍ରସାଦ ଜେନା, ଶିବ ପ୍ରସାଦ ବେହେରା, ରାଜେଶ ମିଶ୍ର, ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ଶ୍ରୀଯୁକ୍ତ ଦାସଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଡେଇଶପୁର ଠାରୁ ଚନ୍ଦନପୁର ଅଭିମୁଖେ ଯାତ୍ରା ସମୟରେ ସତ୍ୟବାଦୀ କଲେଜ ଛକଠାରେ ମନୋଜ ରଥ ଶତାଧିକ କଂଗ୍ରେସ କର୍ମୀ ଶ୍ରୀଯୁକ୍ତ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ବିଶାଳ ପଦଯାତ୍ରା ସଂକଳ୍ପ ପଦଯାତ୍ରା ପାଇଁ କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆଜିର ପଦଯାତ୍ରା ସମୟରେ ପିସିସି ସଭାପତି ଶ୍ରୀଯୁକ୍ତ ଦାସ ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ କଥା ହୋଇ ତାଙ୍କର ଦୁଃଖ ସୁଖରେ ଛିଡ଼ା ହେବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।



ଆସନ୍ତାକାଲି ସକାଳ ୮.୩୦ ମିନିଟ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ବାହାରିବ। ଅପରାହ୍ନରେ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଓ ବରିଷ୍ଠ ନେତୃବୃନ୍ଦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଆର୍ଶିବାଦ ଭିକ୍ଷା କରିବା ପରେ ବଡଦାଣ୍ଡ ଠାରେ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କଂଗ୍ରେସ ନେତା ତଥା ବରିଷ୍ଠ ମୁଖପାତ୍ର ମୋନରଞ୍ଜନ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଅବକାରୀ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୧୯।୨ (ମହାଭାରତ):** ପୂର୍ବରୁ ଚାଲିଆସୁଥିବା ବହୁ ବେଆଇନ ମଦ କାରବାରକୁ ରୋକିବା ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାରେ ଆମେ ସକ୍ଷମ ହୋଇପାରିଛେ । ତେବେ ଏହି ଧାରା ଆଗାମୀ ଦନିରେ ଆହୁରି ଦ୍ରୁତତର ହେବା ସହ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସଂପୂର୍ଣ୍ଣ ରୂପେ ରୋକିବା ପାଇଁ ଆଇନରେ ପରିବର୍ତ୍ତନ ଆସିବ ଏବଂ ନୂଆ ଅବକାରୀ ନୀତିରେ ତାହା ପ୍ରତିଫଳିତ ହେବ। ତେଣୁ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଦକ୍ଷତାକୁ ବୃଦ୍ଧି କରି ରାଜ୍ୟର ସୁନାମ ବାଇବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଅବକାରୀ ଜିଲ୍ଲା ଅଧୀକ୍ଷକମାନଙ୍କ ସହ ଆଲୋଚନା କରିବା ସହ ଜିଲ୍ଲାୱାରୀ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମଲା ସଂଖ୍ୟା, ମହୁଲ ଫୁଲ ବିକ୍ରୟ ଏବଂ ଅନ୍ୟ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ସ୍ଥିତି ଏବଂ ଜବତ ଗାଡ଼ିର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ।

ଏହି ଅବସରରେ ବିଭାଗରେ ଖାଲିଥିବା ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଆରମ୍ଭ ସହ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ଆବଶ୍ୟକୀୟ ତାଲିମ୍ ପ୍ରଦାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ। ଏଥିସହିତ ବିଭିନ୍ନ ଜିଲ୍ଲାରେ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ଓ ଡିପୋର ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର, ଅବାକରୀ କମିଶନର ଶ୍ରୀ ନରସିଂହ ଭୋଳ, ଓଏସ୍ବିସି ଏମ୍.ଡି ଅମ୍ବର କର ଏବଂ ଓଏସ୍ବିସି ଜି.ଏମ୍ ସଞ୍ଜୟ କୁମାର ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲା ଅବକାରୀ ଅଧୀକ୍ଷକ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କିଟ୍ ପ୍ରସଙ୍ଗକୁ ଏଡାଇବାକୁ ବିଜେଡିର ପ୍ରୟାସ : ବିଜେପି

**ଭୁବନେଶ୍ୱର,୧୯।୨ (ମହାଭାରତ):** କିଟ୍ ପ୍ରସଙ୍ଗକୁ ଏଡାଇବାକୁ ପ୍ରୟାସ କରୁଛି ବିଜେଡି । ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି, କାରଣ ବିରୋଧୀଙ୍କ ପାଖରେ ଆଉ ପ୍ରସଙ୍ଗ ନାହିଁ ବୋଲି କହିଛନ୍ତି ବିଜେପି ବିଧାୟକ ଅମର ନାୟକ। ଗଣତନ୍ତ୍ରରେ ବିରୋଧୀ ଦଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁଃଖ ଯେ ସାରା ରାଜ୍ୟ ପ୍ରଶ୍ନ ଉତ୍ତରକୁ ଅପେକ୍ଷା କରିଥାନ୍ତି । ନିଜ ଅଂଚଳ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ବିଧାୟକ ଅନେଇ ବସିଥାନ୍ତି । ବିରୋଧୀ ଗୃହକୁ ଚଳାଇ ଦେଲେ ନାହିଁ । କିଟ୍ ପ୍ରସଙ୍ଗ ହେଉ ବା ଅନ୍ୟ କେଉଁ ପ୍ରସଙ୍ଗ ହେଉ, ତାକୁ ଏଡାଇବାକୁ ଭିନ୍ନ ଦିଗ ଦେଇଛନ୍ତି ବିରୋଧୀ । ବିରୋଧୀ ମୁଲତବୀ ଆଣିଲେ, ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ମହିଳାଙ୍କ ପାଇଁ ସରକାର ସମ୍ବେଦନଶୀଳ ଅଛନ୍ତି । ସହାୟିକାଙ୍କୁ ଦରମା ଦିଆଗଲା । ଅତୀତରେ ମହିଳାଙ୍କୁ ଧୂଆଁବାଣ କରୁଥିଲେ ବିରୋଧୀ । ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି କାରଣ ବିରୋଧୀଙ୍କ ପାଖରେ ଆଉ ପ୍ରସଙ୍ଗ ନାହିଁ । ବିରୋଧୀ ଜାଣିଶୁଣି ନିଜେ ଏପରି କରୁଛନ୍ତି କାରଣ ସେମାନେ ସଙ୍କଟରେ ପଡିଛନ୍ତି । ସେମାନେ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାକୁ କିଛି କରି ନାହାନ୍ତି । ଲକ୍ଷପତି ଦିଦି ସହାୟିକା ଯୋଜନା କରିଛନ୍ତି ସରକାର । ସୁଭଦ୍ରା ପରି ସବୁଠାରୁ ବଡ଼ ଯୋଜନା କରିଛନ୍ତି ସରକାର । କୋଟିଏ ମହିଳାଙ୍କ ପାଖରେ ଏହା ପହଂଚିଛି । ଏହା ସହାୟତା, ଋଣ ନୁହେଁ ବୋଲି ବିଜେପି ବିଧାୟକ କହିଛନ୍ତି ।

# ମିଶନ ଶକ୍ତି ପ୍ରସଙ୍ଗରେ ବିଜେଡ଼ି ବିଧାୟକଙ୍କ ବିକ୍ଷୋଭ

**ଭୁବନେଶ୍ୱର,୧୯।୨ (ମହାଭାରତ):** ମିଶନ ଶକ୍ତି ମହିଳାଙ୍କ ପ୍ରସଙ୍ଗକୁ ନେଇ ଉଠୁଛି ପଡୁଛି ରାଜଧାନୀ। ବିଧାନସଭାରୁ ଗାନ୍ଧୀମାର୍ଗ, ସବୁଠି ହୋ ହଲ୍ଲା, ନାରାବାଜି। ବିରୋଧୀ ଏହି ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରୁଥିବା ବେଳେ ଲୋୟର ପିଏମଜିରେ ମିଶନ ଶକ୍ତି ମାଙ୍କ ପ୍ରତିବାଦ ସରକାରଙ୍କୁ ଅକଳରେ ପକାଇଛି। ମିସନ ଶକ୍ତିକୁ ସରକାର ଭାଙ୍ଗିବାକୁ ଚାହୁଁଛନ୍ତି ବୋଲି ବିରୋଧୀ ଦଳ ବିଜେଡ଼ି ପକ୍ଷରୁ ଶାସକ ଦଳ ବିରୋଧରେ ଅଭିଯୋଗ ଆଣିଥିଲେ। ମିସନ ଶକ୍ତି ମହିଳାଙ୍କୁ ଭ୍ରମିତ କରାଯାଉଛି ବୋଲି ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ବାଇଁ କହିଥିଲେ। ମିସନ ଶକ୍ତି ଇସି ସଦସ୍ୟଙ୍କୁ ନେଇ ରଣେନ୍ଦ୍ର କହିନ୍ତି କେନ୍ଦ୍ର ସରକାର ୧୯୯୯ ମସିହା ଏପ୍ରିଲ ପହିଲାରୁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଆରମ୍ଭ କରିଥିଲେ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଅଙ୍ଗନବାଡି କର୍ମୀ ଇସି ସଦସ୍ୟଙ୍କୁ ବଛା ଯାଇ ମହିଳା ମହାସଂଘକୁ କାର୍ଯ୍ୟଭାର ଦିଆଯାଇଥିଲା। ଏମାନେ ନିର୍ବାଚିତ ଲୋକ ପ୍ରତିନିଧି ନୁହନ୍ତି। ତୃଣମୂଳସ୍ତରର ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଇବା କାର୍ଯ୍ୟ ମିସନ ଶକ୍ତି କରିଆସୁଛି। ମିସନ ଶକ୍ତିର ଇସିମାନେ ବୈଠକ ବାବଦରେ ସିଟିଂ ଆଲାଉନ୍ସ ପାଉଥିଲେ। ଏହା ବ୍ୟତୀତ ମାସିକ ୧ ହଜାର ଟଙ୍କା ଫିକ୍ସଡ୍ ଟ୍ରାଭେଲିଂ ଆଲାଉନ୍ସ ସେମାନଙ୍କୁ ଦିଆଯାଉଥିଲା। ଇସି ମହିଳାଙ୍କୁ ବିନା ସୁଧରେ ପୂର୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସ୍କୁଟି ପ୍ରଦାନ କରିଥିଲେ ।



ମିଶନ ଶକ୍ତି ମହିଳାଙ୍କୁ ନ୍ୟାୟ ଦାବିରେ ଗୃହ କମ୍ପିଥିଲା। ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ ବିରୋଧୀ। ପୋଡିୟମ ତଳେ ବିରୋଧୀଙ୍କ ହୋ ହଲ୍ଲା, ନାରାବାଜି ଯୋଗୁଁ, ଗୃହକାର୍ଯ୍ୟକୁ ମୁଲତବୀ କରିବାକୁ ବାଧ ହୋଇଥିଲେ ବାଚସ୍ପତି। ଏତିକିରେ ଥମିନଥିଲେ ବିରୋଧୀ। ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ବିଧାୟକ ମାନେ ପ୍ରତିବାଦ କରିବା ସହ ସରକାରଙ୍କୁ ମାରିଥିଲେ ବାଣ। ମିଶନ ଶକ୍ତିକୁ ଭାଙ୍ଗିବାକୁ ସରକାର ଚେଷ୍ଟା କରୁଥିବାର ସଙ୍ଗିନ ଅଭିଯୋଗ ଆଣିଛି ବିଜେଡି। ଦେଢ଼ ଲକ୍ଷ ମିଶନ ଶକ୍ତି ଇ.ସି ମହିଳାଙ୍କୁ ହଟାଇବା ପରିବର୍ତ୍ତେ ସଶକ୍ତ କରିବାକୁ ଦାବି କରିଛି ଦଳ। ବିଜେପି ନିଜ ସପକ୍ଷରେ ଯୁକ୍ତି ବାଢ଼ି କହିଛି, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପୂର୍ବ ସରକାର କିଛି କରିନାହାନ୍ତି। ଡବଲ ଇଞ୍ଜିନ ସରକାରରେ ମିଶନ ଶକ୍ତି ମହିଳାଙ୍କୁ ସଶକ୍ତ କରାଯିବ। କଂଗ୍ରେସ ଉଭୟଙ୍କ ଉପରେ ବର୍ଷିବା ସହ କହିଛି, ପୂର୍ବ ସରକାର ମିଶନ ଶକ୍ତି ମହିଳାଙ୍କୁ ଅଧା ରାସ୍ତାରେ ଛାଡ଼ି ଚାଲିଗଲେ। ନୂଆ ସରକାର ମିଶନ ଶକ୍ତି ମାଆଙ୍କ କଥା ଶୁଣୁନାହାନ୍ତି। ମିଶନ ଶକ୍ତି ଝଡ କେବଳ ଗୃହ ଭିତରେ ସୀମିତ ରହିନି। ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବି ଶୁଭିଛି ମିଶନ ଶକ୍ତି ମାଙ୍କର ଗର୍ଜନ। ଧାରଣାସ୍ଥଳରେ ୭ ଦିନ ବିତିଥିଲେ ମଧ ସରକାର ଦାବି ଶୁଣୁନଥିବାରୁ ଚେତାବନୀ ଦେଇଛନ୍ତି। ମିଶନ ଶକ୍ତି ମାଙ୍କ ପ୍ରସଙ୍ଗକୁ ନେଇ ଆଜି ବିଧାନସଭାର ପ୍ରଶ୍ନକାଳ ସମ୍ପୂର୍ଣ୍ଣ ଧୋଇଯାଇଛି। ବିରୋଧୀ ଏହି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣୁନଥିବା ବେଳେ ସରକାର ଦାବି ପୂରଣ ପାଇଁ ସବୁଜ ସଂକେତ ଦେଉନାହାନ୍ତି। ବିରୋଧୀ ଓ ଶାସକ ଦଳର ଦୋଷ ଠେଲାଠେଲି ରାଜନୀତିରେ ବଳି ପଡିଛି ସାରା ଓଡ଼ିଶାର ସ୍ୱାର୍ଥ।

# ଓସାଫି ତରଫରୁ ଷଷ୍ଠ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀ

**ଭୁବନେଶ୍ୱର,୧୯।୨ (ମହାଭାରତ):** ବିକଶିତ ଓଡ଼ିଶା ର ଲକ୍ଷ୍ୟ ପୁରଣ ପାଇଁ ରାଜ୍ୟର ସମସ୍ତ ପରିବାର ପାଖରେ ବିବିଧ ଆର୍ଥିକ ସେବା ଯଥେଷ୍ଟ ପରିମାଣରେ ପହଞ୍ଚିବା ଆବଶ୍ୟକ । ଅଧିକ ସଂଖ୍ୟକ ଶାଖା ର ଅଭାବ ଯୋଗୁଁ ବ୍ୟାଙ୍କ୍ ମାନଙ୍କ ସେବା ଗ୍ରାମାଞ୍ଚଳ ରେ ବିଶେଷ ଭାବେ ପହଞ୍ଚି ପାରୁନାହିଁ । ଏହି ପରିପ୍ରେକ୍ଷୀରେ ରେ ରାଜ୍ୟ ରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ ମାନଙ୍କ ଭୂମିକା ଆତ୍ୟନ୍ତା ଗୁରୁତ୍ୱପୂର୍ଣ୍ଣ ଓ ରଜ୍ୟ ରେ ୮୦ ରୁ ଉର୍ଦ୍ଧ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ୍ , ଆର୍ଥିକ ଅନୁଷ୍ଠାନ କାର୍ଯ୍ୟରତ । ଅନୁଷ୍ଠାନ ସମୂହର ୪୬ ଲକ୍ଷ୍ୟ ମହିଳା ଙ୍କ ପାଖରେ ୨୧, ୭୯୭ କୋଟି ଟଙ୍କା ର ଋଣ ବକେୟା ରହିଛି । ସେଥି ମଧରୁ ୭୧ ଭାଗ ମହିଳା କେବଳ ଗ୍ରମଚଳ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରୁଛନ୍ତି ।




ଓସଫି ପାଖରୁ ସ୍ଥାନୀୟ ରେଳ ଅଡିଟୋରିୟମ୍ ଆୟୋଜିତ ଷଷ୍ଠ ରାଜ୍ୟ ସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀ ରେ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ କୁ ଭାରତ ସରକାର ଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ୍ ର ସାଧାରଣ ପ୍ରବନ୍ଧକ ଶ୍ରୀ ପ୍ରମୋଦ କୁମାର ଓ ଓସାଫି ର ସଭାପତି ଶ୍ରୀ ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦଘାଟନ କରିଥିଲେ। ଓଷାଫି ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ନରେନ୍ଦ୍ର ନାୟକ ଅନୁଷ୍ଠାନ ର ବାର୍ଷିକ ସଫଳତା ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମଫିନ ର ଉପ ସଭାପତି ଶ୍ରୀ ହବିବ ସହିକ, ସାଧନ ର ନିର୍ଦ୍ଦେଶକ ଶ୍ରୀ ସାଇବୁଲ ପଲ, ସିଡ୍ ବି ର ଉପ ସାଧାରଣ ପ୍ରବନ୍ଧକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ , ମିଶନ ଶକ୍ତି ବିଭାଗ ର ଆର୍ଥିକ ଉପଦେଷ୍ଟା ଶ୍ରୀ ଅନୋଜ କୁମାର ପ୍ରଧାନ, ସେୟାର ଇଣ୍ଡିଆ ର ଉପ ସଭାପତି ଶ୍ରୀ ଆଲୋକ ପଟ୍ଟନାୟକ , ଓସାଫି ର ଉପ ସଭାପତି ଶ୍ରୀ ଗୋବିନ୍ଦ ଦାସ, ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ରେ ବିଭିନ୍ନ ଅନୁଷ୍ଠାନ ର ଭୂମିକା ବିଷୟରେ କହିଥିଲେ । ସମ୍ମିଳନୀ ରେ ଦୁଇଟି ଅଧିବେଶନ ରେ ଡିଜିଟାଲ ଫାଇନାନ୍ସ , ଦକ୍ଷତା ବିକାଶ , କ୍ଷୁଦ୍ର ଉଦ୍ୟୋଗ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ରେ ଓଡ଼ିଶା ର ୩୦ ଗୋଟି ଜିଲ୍ଲାରୁ ୬୦୦ ମହିଳା ଉଦ୍ୟୋଗୀ ଯୋଗ ଦେଇଥିବା ବେଳେ ୩୦ ଜଣ ସଫଳ ମହିଳା ଉଦ୍ୟୋଗୀ ଙ୍କୁ ସମ୍ମାନିତ କରାଯାଇଥିଲା । ଶେଷ ରେ ଓଷାଫି ର ବୋର୍ଡ ସଦସ୍ୟ ଶ୍ରୀ ଆଶିଷ କୁମାର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଜ୍ୟରେ ନାହିଁ ଆଳୁ ସମସ୍ୟା

**ଭୁବନେଶ୍ୱର,୧୯।୨ (ମହାଭାରତ):** ଗତ କିଛି ମାସ ଧରି ଆଳୁ ବଜାର ସାଧାରଣ ଲୋକଙ୍କୁ ଅତିଷ୍ଟ କରିଥିବା ବେଳେ ଏବେ ବେଶ୍ ହାତସୁଅ। ରହିଛି ଆଳୁ ଦର। ଆଳୁ କିଲୋ ପ୍ରତି ୨୦ ଟଙ୍କାରେ ବିକ୍ରି ହେଉଛି । ଯାହାକୁ ନେଇ ଆଜି ଗୃହରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି, ଆଳୁ ସାଧାରଣତଃ ପଶ୍ଚିମବଙ୍ଗରୁ ଆମଦାନୀ କରାଯାଏ । ହେଲେ ଗତବର୍ଷ ଜୁଲାଇ ମାସ ଆଉକୁ ପଶ୍ଚିମବଙ୍ଗ ସରକାର ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ କଟକଣା ଲଗାଇବାରୁ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେବା ସହ ମୂଲ୍ୟ ଅହେତୁକ ବୃଦ୍ଧି ହୋଇଥିଲା।

ଏଥିସହିତ ମନ୍ତ୍ରୀ ତଥ୍ୟ ଦେଇ କହିଛନ୍ତି, ଆଳୁ ସଙ୍କଟ ପାଇଁ ସରକାର ନେଇଥିବା ପଦକ୍ଷେପରେ, ଉତ୍ତର ପ୍ରଦେଶରୁ ୬୦୦ କୁଇଣ୍ଟାଲ ଆଳୁ ଓଡ଼ିଶା ଆସିଛି। ସେହିପରି ଉତ୍ତରପ୍ରଦେଶ, ପଞ୍ଜାବ ଆଦି ସ୍ଥାନରୁ ଦୈନିକ ହାରାହାରି ୮୦୦୦ ରୁ ୧୦ ହଜାର କୁଇଣ୍ଟାଲ ଆଳୁ ଓଡିଶାକୁ ଅଣାଯାଇ ବିକ୍ରୀ କରାଯାଇଥିଲା। ଡିସେମ୍ବର ଓ ଜାନୁଆରୀ ୨୦ ଭିତରେ ୨୫୦ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିବା ସ୍ଥଳେ ୩୬ ଜଣ ଖିଲାପକାରି ବ୍ୟବସାୟୀଙ୍କ ଠାରୁ ୨୯,୧୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ଏଥିସହିତ ସଙ୍ଗେସଙ୍ଗେ ୧୯ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା।

ଏଥିସହିତ ୨୦୨୪ ମସିହାରେ ଆଳୁ ଦର ଅହେତୁକ ବୃଦ୍ଧି ସମୟରେ ସରକାର ଦର ବୃଦ୍ଧି କୁ ରୋକିବା ପାଇଁ ନାଫେଡ୍ ମାଧ୍ୟମରେ ଦୁଇଟି ଦଫାରେ ୬୦୦ କୁଇଣ୍ଟାଲ ଆଳୁ ଉତ୍ତରପ୍ରଦେଶରୁ ଆମଦାନୀ କରି ରାଜ୍ୟର ପ୍ରମୁଖ ସହର ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଓ ବଲାଙ୍ଗିର ଆଦି ସ୍ଥାନମାନଙ୍କରେ ଖାଉଟି ମାନଙ୍କୁ ୩୦ ଟଙ୍କାରେ ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ଯୋଗାଇ ଦେଇଥିଲେ।

ରାଜ୍ୟରେ ଆଉ ନାହିଁ ଆଳୁ ସମସ୍ୟା। ଧିରେ ଧିରେ ଦୂର ହୋଇଛି ଓଡ଼ିଶାର ଆଳୁ ସଙ୍କଟ। କିଛି ଦିନ ଧରି ରାଜ୍ୟରେ ଯେଉଁଭଳି ଭାବରେ ଆଳୁର ଦର ବୃଦ୍ଧି ପାଇବାରେ ଲାଗିଥିଲା। ଆଉ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

ହେଲେ ଏବେ ସେ ସମସ୍ୟା ଦୂର ହୋଇଛି। ଏନେଇ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଆଳୁ ସଙ୍କଟ ନେଇ ଗୃହରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ। ଏହାସହ ଗତ କିଛି ଦିନ ଧରି ରାଜ୍ୟରେ ଯେଉଁ ସମସ୍ୟା ଉପୁଜିଥିଲା। ତାର କାରଣ ହେଉଛି ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନି ଉପରେ କଟକଣା ଲଗାଇଥିବା କାରଣରୁ ଘଟିଥିଲା। ଯାହାକି ଏବେ ଦୂର ହୋଇଛି।

# ଲିମକା ଉତ୍ସାହଭରା କମଳା ଲେମ୍ବୁ ଉନ୍ମାଦ ସହିତ 'ସୋଢ଼ା 'ଏନ' ଲେମ୍ବୁଯୁକ୍ତ' ଅଭିଯାନ

**ଭୁବନେଶ୍ୱର,୧୯।୨ (ମହାଭାରତ):** କୋକା-କୋଲା ଇଣ୍ଡିଆର ଘରୋଇ ବୃଦ୍ଧି ବ୍ରାଣ୍ଡ ଲିମକା, ଏକ ମୃଦୁପାନୀୟ ଅଟେ, ଯାହାର ଏକ ଆଇକନିକ୍ ଲେଖା ଏହା ଉପରେ ରହିଛି। ଧୂଆଁଳିଆ ବବ୍‌ଲସର ଭିନ୍ନତା ଠାରୁ ଉତ୍ସାହଭରା ସ୍ୱାଦ ଏ ସବୁର ମୌଳିକତା ଭିତରେ ଏହା ଭାରତୀୟ ଅଟେ। ପ୍ରକୃତରେ ଲିମକା ଏକ ଅଭିଜ୍ଞତା ସମ୍ପନ୍ନ ଅଟେ ଯାହା ଅନ୍ୟଠାରେ ଦେଖିବାକୁ ମିଳି ନଥାଏ ଯାହାକି ଏବେ ଭାରତର ସବୁଠାରୁ ଆଦରଣୀୟ ଲେମ୍ବୁଭରା ପାନୀୟ ହୋଇପାରିଛି। ଏହାର ରୋମାଂଚକର ନୂତନ ଗ୍ରୀଷ୍ମ ଅଭିଯାନ ସହିତ ବ୍ୟବହାରକାରୀମାନେ ଲିମକାକୁ ଏକ ସତେଜଭରା ନୂଆ ଯୁଗରେ ପାଇପାରିବେ। ଲିମକାରେ ଏକ ଥଣ୍ଡା ଢ଼ୋକ ଗ୍ରୀଷ୍ମ ପ୍ରବାହ ଦିନରେ ହଠାତ୍ ଆପଣଙ୍କୁ ଉପରକୁ ଉଠାଇ 'ଥଣ୍ଡା ପବନର ଶୀତଳତା' ଅନୁଭବ କରାଇବ। ଏହା ସେହିଭଳି ଅତି ସରଳ ତଥା ବାସ୍ତବ ଅର୍ନ୍ତଦୃଷ୍ଟି ଯାହାକି ଚ଼ଳିତ ବର୍ଷର ଲିମକା ଗ୍ରୀଷ୍ମ ଅଭିଯାନର ମୂଳ ବିଷୟ ଅଟେ। ଏହି ସତେଜ ଏହାର ସିଗ୍‌ନେଟୋରୀ ସୋଢ଼ା ଏନ ଲେମ୍ବୁର ବାଷ୍ପୀୟ ଫେଣଯୁକ୍ତକୁ ଏହାର ପ୍ରିୟ ଗ୍ରାହକଙ୍କ ପାଖରେ ଲିମକାର ପୁନଃଉନ୍ମୋଚ଼ନ ଏବଂ ଚ଼ମତ୍କାରୀ ତଥା ରୋମାନ୍ସର ଉତ୍ସବ ପାଳନ ପାଇଁ ନିମନ୍ତ୍ରିତ କରୁଛି। ଏହି ଅଭିଯାନ ତ୍ରିପ୍ତୀ ଡ଼ିମରି ତଥା ତାଙ୍କର ମତୁଆଲା ସାଙ୍ଗମାନଙ୍କର ଅଭିନୟର ଯାଦୁକରୀଙ୍କୁ ନେଇ ଆରମ୍ଭ ହେଉଛି ଯେଉଁଥିରେ ସେ ଅନନ୍ୟ ଲିମକାର ସ୍ୱତନ୍ତ୍ର ସ୍ୱାଦ ସହିତ ଗ୍ରୀଷ୍ମ ପ୍ରବାହର ଦାରୁଣ ଉତାପକୁ ପଛରେ ଛାଡ଼ି ଦେଇଛନ୍ତି। ଏକ ଢ଼ୋକ ଲିମକା ଗ୍ରହଣର ସେହି ଅପୂର୍ବ ମୁହୂର୍ତ୍ତର ଦୃଶ୍ୟପଟ ଗତିଶୀଳ ଦୃଶ୍ୟମାନ ସହିତ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ସେ ଢ଼ୋକର ପ୍ରଭାବରେ ତାଙ୍କ ମଧ୍ୟରେ ଶକ୍ତି ସଂଚୟ ହେଉଛି ଉନ୍ମାଦଭରା ସତେଜତାର ଢ଼େଉକୁ ନେଇ। ରୁଚ଼ିରା ଭଟ୍ଟାଚାର୍ଯ୍ୟ, ବରିଷ୍ଠ ନିର୍ଦ୍ଦେଶକ, ମାର୍କେଟିଙ୍ଗ-ହାଇଡ୍ରେସନ, ସ୍ପୋର୍ଟର୍ସ ଏବଂ ଟି କ୍ୟାଟେଗୋରୀ, ଭାରତ ଏବଂ ସାଉଥ-ୱେଷ୍ଟ ଏସିଅ ଅପରେଟିଙ୍ଗ ୟୁନିଟ୍ କୋକା-କୋଲା କମ୍ପାନୀ, କହିଛନ୍ତି, "ଲିମକା ଏକ ସ୍ୱାତନ୍ତ୍ରତାରେ ଭରା ବ୍ରାଣ୍ଡ ଅଟେ ଏବଂ ସବୁବର୍ଗର ଗ୍ରାହକମାନଙ୍କର ଅଧିକ ଆଦରଣୀୟ ହେବା ସହିତ ଏହାର ସେହି ଅଭିଯାନରେ ଆମେ ଲିମକାର ଭଲ ପାଇବାର ସମସ୍ତ ଜିନିଷ ସହିତ ପୁଣି ଥରେ ଲିମକାକୁ ଫେରାଇ ଆଣୁଛୁ।

# କରୋନା ମହାମାରୀ ସମୟରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ

**ଭୁବନେଶ୍ୱର,୧୯।୨ (ମହାଭାରତ):** ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ । କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ । ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ ।

କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା 'ମିସ୍ ଏସ୍‌ଏନ୍‌ସି' ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ ଲିକାନ୍‌ଡୋମୁନିଉ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଉ ଜାମ୍ବିଆର ନାଗରିକ । ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ । ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭ୍ସନ୍ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା ଶ୍ରୀମତି କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ । ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ । ତେବେ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ରୁ ବାହାରି ଇମୋସ୍‌ନାଲ୍ ଇନ୍‌ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ମାଗଣା ବଣ୍ଟନ

ରାଜ୍ୟରେ ଗରିବ ଏବଂ ନିମ୍ନମଧ୍ୟବିତ୍ତ ବର୍ଗଙ୍କ ସଂଖ୍ୟା ଅଧିକ। ସେମାନେ ସରକାରଙ୍କଠାରୁ ମାଗଣା ଆଶା କରନ୍ତି। ସେମାନଙ୍କ ଭୋଟରେ ଜିତିଥିବା ଦଳ ବା ସରକାର ଏହାକୁ କିପରି ବନ୍ଦ କରିବେ ? ନିର୍ବାଚନ ବେଳେ ରାଜନୈତିକ ଦଳମାନଙ୍କ ପକ୍ଷରୁ ଛାତ୍ରୀମାନଙ୍କୁ ମାଗଣା ସ୍କୁଟି, ମହିଳାଙ୍କୁ ମାଗଣାରେ ସୁନା ଚେନ ଏବଂ ଆହୁରରି ଅନେକ କିଛି ମାଗଣାରେ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସେମାନେ ମଧ୍ୟ କେତେକାଂଶରେ ଏଥିରେ ପ୍ରଭାବିତ ହେଉଛନ୍ତି। ମାଗଣା ବଣ୍ଟନରେ ସବୁଠୁ ଆଗରେ ରହିଛି ଆମ ଆଦମୀ ପାର୍ଟି। ଗତ ୧୦ ବର୍ଷ ଭିତରେ ଦିଲ୍ଲୀର ଆପ ସରକାର ମାଗଣା ବିଜୁଳି, ପାଣିଠାରୁ ଆରମ୍ଭ କରି ଅନେକ କିଛି ଦେଇଛନ୍ତି। କିନ୍ତୁ ଏହା ଦ୍ୱାରା ନା ଦାରୀଦ୍ର୍ୟ ଦୂର ହୋଇଛି ନା ମହିଳା ବା ଗରିବଙ୍କ ସ୍ଥିତିରେ ବିଶେଷ ଉନ୍ନତି ଆସିଛି। କେନ୍ଦ୍ର ସରକାର ମଧ୍ୟ ଗରିବଙ୍କୁ ମାଗଣା ରାସନଠାରୁ ଆାରମ୍ଭ କରି ଆବାସ ଏବଂ କୃଷକଙ୍କୁ ଟଙ୍କା ଦେଉଛନ୍ତି। ସରକାରଙ୍କର କହିବା କଥା ହେଲା ଭାରତରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ଏକ କଲ୍ୟାଣକାରୀ ସରକାର। ସରକାର ଦେଶର, ଲୋକଙ୍କର କଲ୍ୟାଣ କରିବାକୁ ଆସିଛନ୍ତି, ବ୍ୟବସାୟ କରିବାକୁ ନୁହେଁ। ଲୋକଙ୍କ କଲ୍ୟାଣ କରିବା ବେଳେ ଲାଭ କ୍ଷତି ଦେଖାଯାଏନି। ସେ କଥା ଠିକ। କିନ୍ତୁ କଲ୍ୟାଣ ଅର୍ଥ ମାଗଣା ବାଣ୍ଟିବା ନୁହେଁ। ଏହା ଏକ ଦୁର୍ନୀତି, ଗରିବଙ୍କ ଟିକସ ଅର୍ଥର ଦୁରୂପଯୋଗ। ଲୋକ କଲ୍ୟାଣ ଅର୍ଥ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା। ବସରେ ମହିଳାମାନେ ମାଗଣାରେ ଯାତ୍ରା କରିବେ, ଅନ୍ୟମାନେ ଏଥିପାଇଁ ଭଡ଼ା ଦେବେ ଏହା ଜନକଲ୍ୟାଣ ନୁହେଁ। ନିକଟରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସବୁ ରାଜନୈତିକ ଦଳ ଏଭଳି ଅନେକ କିଛି ମାଗଣା ଦେବକୁ ନିଜ ନିଜ ସଙ୍କଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଥିଲେ। ବିଜେପି କ୍ଷମତାକୁ ଆସିଲେ ଦିଲ୍ଲୀରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ଆପ ମାସିକ ୨୧୦୦ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଓଡ଼ିଶାରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି। ଏହି ଟଙ୍କା ରାଜକୋଷରୁ ବ୍ୟୟ ହେଉଛି। ଲୋକଙ୍କ ଟିକସ ଅର୍ଥକୁ ସରକାର ଏଭଳି ଭାବେ ଅକାତରରେ ଦାନ କରୁଛନ୍ତି। ସବୁ ରାଜ୍ୟରେ ସବୁ ଦଳର ସରକାର ଏହା କରୁଛନ୍ତି। ଏଥିନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି ମାଗଣା ଯୋଜନା ଦ୍ୱାରା ସମାଜରେ ଏକ ପ୍ରକାର ପରଜୀବୀ ଶ୍ରେଣୀ ସୃଷ୍ଟି କରାଯାଉଥିବା ମନ୍ତବ୍ୟ ଦେଇଛନ୍ତି। ମାଗଣା ରାସନ ଏବଂ ଅନ୍ୟାନ୍ୟ ମାଗଣା ସାମଗ୍ରୀ ତଥା ସେବା ପାଇବା ହେତୁ ଅନେକ ଲୋକ ଆଉ କାମ କରିବାକୁ ବା କଠିନ ପରିଶ୍ରମ କରିବାକୁ ଇଚ୍ଛା ବ୍ୟକ୍ତ କରୁ ନାହାଁନ୍ତି। ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇଗଲେ ସେମାନେ କାହିଁକି ପରିଶ୍ରମ କରିବେ? ଅନେକ ଲୋକ ନିର୍ବାଚନ ବେଳେ ବିଭିନ୍ନ ରାଜନୈତିକ ଦଳଠାରୁ ଏହା ହିଁ ଆଶା କରୁଛନ୍ତି। ସମସ୍ତେ ତତ୍କାଳ ଲାଭ ଚାହୁଁଛନ୍ତି। ସମସ୍ତେ ବ୍ୟକ୍ତିଗତ ଫାଇଦା କଥା ଚିନ୍ତା କରୁଛନ୍ତି। ଦେଶର ବା ରାଜ୍ୟର ସାମୁହିକ କଲ୍ୟାଣ କଥା ଚିନ୍ତା କରୁ ନାହାଁନ୍ତି। ଜଣେ ଚାଷୀ କୃଷି କାର୍ଯ୍ୟ ନିମନ୍ତେ ଋଣ ନେଇ ଏହାକୁ ଅନ୍ୟତ୍ର ବିନିଯୋଗ କରୁଛି। କିନ୍ତୁ ସବୁ ବେଳେ ଆଶା କରୁଛନ୍ତି ସରକାର କେମିତି ଋଣ ଛାଡ଼ କରିଦିଅନ୍ତେ। ଋଣ ନେଇ ଏହାକୁ ପରିଶୋଧ ନକରିବାର ମାନସିକତା ଏବେ ଆମ ସମାଜରେ ବଢ଼ି ଚାଲିଛି। ଏହା ଗ୍ରହଣଯୋଗ୍ୟ ନୁହେଁ। ଋଣ ଛାଡ଼ କଥା ଛାଡ଼, ଋଣ ଉପରେ ସୁଧ ଛାଡ଼ କରାଯିବା ମଧ୍ୟ ଅନୁଚିତ। ସୁଧ ହାର କମାଯାଇପାରେ, ପରିଶୋଧର ସମୟସୀମା ବଢ଼ାଯାଇପାରେ। ୟୁପିଏ ସରକାର ୬୦ ହଜାର କୋଟି ଟଙ୍କାର କୃଷି ଋଣ ଛାଡ଼ କରିଥିଲେ। ଏହାର ଫାଇଦା ବାସ୍ତବରେ ଗରିବ କୃଷକଙ୍କୁ ମିଳିଲା ନାହିଁ।

# ଆମ "ହାତୀ" କଥା

॥ ରମେଶ ଚନ୍ଦ୍ର ସ୍ୱାଇଁ ॥

*ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ।*

ପ୍ରାୟ ଶତାଧିକ ଝାଡ଼ଖଣ୍ଡ ହାତୀ ଓଡ଼ିଶାକୁ ଆସି ଉତ୍ପାତ କରିଥାନ୍ତି। ହାତୀ ମଣିଷ ଲଢ଼େଇ ମଧ୍ୟରୁ ୬୦ ପ୍ରତିଶତ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ମାରଣା ହାତୀ ହିଁ ମଣିଷକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଉଛି। ଢେଙ୍କାନାଳ, ଅନୁଗୋଳ, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ଏହିଭଳି ଘଟଣା ଶତାଧିକ ଘଟୁଛି। ସେଇଭଳି ଟ୍ରେନ୍‌ରେ କଟି ଓ ବିଦ୍ୟୁତ ଆଘାତରେ ମଧ ହାତୀଙ୍କ ମୃତ୍ୟୁ ହୋଇଥାଏ। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀ ଝାଟିମାଟି ଘରେ ପଶିବା ଓ ଘର ଭାଙ୍ଗିବା ଦ୍ୱାରା ୨୫ ପ୍ରତିଶତ ଜନତାଙ୍କ ମୃତ୍ୟୁ ହେଉଥିବା ଜଣାଯାଏ। ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୮୨ଟି ହାତୀଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗରେ ପିଡ଼ିତ ହୋଇ ୧୦୧ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତ ଯୋଗୁ ୪୩ଟି, ଶୀକାରୀ ମାନଙ୍କ ଦ୍ୱାରା ୭ଟି, ରାସ୍ତା ଦୁର୍ଘଟଣାରେ ୪ଟି, ପାହାଡ଼ରୁ ଖସି ନଦୀରେ ବୁଡ଼ି ନିଜ ନିଜ ମଧ୍ୟରେ କଳହ କରି ୫୯ଟି ହାତୀ ଓ ବିଭିନ୍ନ କାରଣରୁ ୩୪ଟି ହାତୀଙ୍କର ମୃତ୍ୟୁ ଘଟିଛି। ୨୦୧୮ରେ ୯୩ଟି, ୨୦୧୯ରେ ୮୨ଟି, ୨୦୨୦ରେ ୭୭ଟି ଓ ୨୦୨୧ ଅଗଷ୍ଟ ମାସ ସୁଦ୍ଧା ୩୩ଟି ହାତୀଙ୍କର ମୃତୁ ଘଟିଛି। ରାଜ୍ୟରେ ୨୦୧୨ରେ ୧୯୩୦ଟି ହାତୀ ଥିବାବେଳେ ୨୦୧୫ରେ ୧୯୫୪ଟି ଓ ୨୦୧୭ରେ ୧୯୭୬ଟି ହାତୀ ଥିବାର ଜଣାପଡ଼ିଛି।

ବହୁ ପ୍ରାଚୀନ କାଳରୁ ଭାରତ ହାତୀଦାନ୍ତ ତିଆରି ସୁନ୍ଦର ସୁନ୍ଦର ଜିନିଷ ଗୁଡ଼ିକ ନିମନ୍ତେ ବିଖ୍ୟାତ। ଏହାଛଡ଼ା ଇଟାଲି ଓ ଆଫଗାନସ୍ଥାନ ମଧ ହାତୀର ଦାନ୍ତରେ ବିଭିନ୍ନ ଜିନିଷ ତିଆରି କରିପାରୁଥିଲେ। ଥରେ ଜଣେ ଭାରତୀୟ ହାତୀ ଦାନ୍ତ କାରିଗର ମୁସଲିମ୍ ଦେଶର ଜଣେ କଳାକାରଙ୍କ ଘରକୁ ଗଲେ। ସେ ମୁସଲିମ୍ କଳାକାରଙ୍କ ସ୍ତ୍ରୀଙ୍କୁ ହାତୀଦାନ୍ତ ନିର୍ମିତ ମୁଠାଏ ଚାଉଳ ଦେଲେ। କଳାକାରଙ୍କ ସ୍ତ୍ରୀ ତାକୁ ପ୍ରକୃତ ଚାଉଳ ଭାବି ରାନ୍ଧିବା ନିମନ୍ତେ ଚେଷ୍ଟାକଲେ। ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଥା। ହାତୀ ଦାନ୍ତ କାରିଗରୀର ବର୍ଣ୍ଣନା ରାମାୟଣ ଓ ମହାଭାରତରେ ଦେଖିବାକୁ ମିଳେ। ରାମାୟଣରେ ପଲଙ୍କ ଓ ରଥର କେତେକ ଅଂଶ ହାତୀ ଦାନ୍ତରେ ନିର୍ମିତ ହେବା ଓ ମହାଭାରତରେ ତରକାରୀ ବେଣ୍ଟ ହାତୀ ଦାନ୍ତରେ ନିର୍ମିତ ହୋଇଥିବା ବିଷୟ ଉଲ୍ଲେଖ କରାଯାଇଛି। ସପ୍ତଦଶ ଶତାବ୍ଦୀରେ ୟୁରୋପୀୟମାନେ ଭାରତ ଆସିବା ପରେ ଭାରତୀୟ କଳା ଉପରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିଲା। ୟୁରୋପୀୟମାନଙ୍କର ରୁଚି ଅନୁଯାୟୀ ବିଲିୟାର୍ଡ ପେଣ୍ଡୁ, କାଗଜ କାଟିବାର ଛୁରୀ, ସାର୍ଟ ବଟମ ସବୁ ହାତୀ ଦାନ୍ତରେ ନିର୍ମିତ ହେଲା। ଗୋଆରୁ ମିଳିଥିବା ଯୀଶୁଖ୍ରୀଷ୍ଟଙ୍କର ହାତୀଦାନ୍ତ ନିର୍ମିତ ମୂର୍ତ୍ତି ଭାରତୀୟ ତଥା ପର୍ତ୍ତୁଗାଲ କଳାର ସୁନ୍ଦର ସମନ୍ୱୟତାର ପ୍ରମାଣ କରେ। ହାତୀର ବିରାଟକାୟ ମୋଟା ନଖ ଗୁଡ଼ିକରେ ଛୁରୀ, ବେଣ୍ଟ, ବୋତାମ, ଚାମଚ ଓ ପ୍ଲେଟ୍ ପ୍ରସ୍ତୁତ ହେଉଥିଲାବେଳେ ହାତୀ ଲାଞ୍ଜର ବାଳରେ ଚୂଡ଼ି, ହାର, ଖଡୁ ଆଦି ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରସ୍ତୁତ ହୋଇଥାଏ। କେରଳରେ ହାତୀ ଦାନ୍ତର ଅଳଙ୍କାର ପିନ୍ଧିଲେ କେରଳବାସୀମାନେ ଶୁଭ ବୋଲି ମାନିଥାନ୍ତି।

ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ। ପ୍ରଥମେ ସେମାନଙ୍କୁ ଉଠିବା, ବସିବା, ଶୀଘ୍ର ଶୀଘ୍ର ଚାଲିବା ଏବଂ କହିବା ମୁତାବକ ଅଟକିଯିବା, ମୁଣ୍ଡ ତଳକୁ କରିବା, କାଠଗଣ୍ଡିକୁ ଏକାଠି କରି ରଖିବା, ଜୀପ୍, ଟ୍ରକ, ବନ୍ଧୁକ, ବାଘ ଏବଂ ଚିତାବାଘ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସ୍ୱର ସଂପର୍କରେ ହାତୀକୁ ଅବଗତ କରି ଦିଆଯାଏ। ହାତୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରହିବାକୁ ପଡ଼ିଥାଏ।

କଥାରେ କହନ୍ତି "ହାତିକୁ ପୁଣି ହୋମିଓପାଥି"। ଅର୍ଥାତ୍, ହାତୀ ଭଳି ବିଶାଳ ଜନ୍ତୁକୁ ଏତେ ଛୋଟ ଔଷଧ କ'ଣ କାମ ଦେବ? ଏତେ ହାତୀଙ୍କ ପାଇଁ ବଟିକା କଥା କହିବାବେଳେ ଆପଣମାନେ ଆଶ୍ଚର୍ଯ୍ୟ ହେବେଣି। ହାତୀ ପାଇଁ ପୁଣି ବଟିକା କି କାମ ଦେବ?

ହାତୀ ପାଇଁ ଥାଇଲାଣ୍ଡରେ ଏକ ବଟିକା ବାହାରିଛି। ଏହି ବଟିକା ବେଶ ବଡ଼ ଏବଂ ଏହାର ଓଜନ ପ୍ରାୟ ୫୦୦ ଗ୍ରାମ। ଏହି ବଟିକାଟିକୁ ଥାଇଲାଣ୍ଡ ସରକାର ହାତୀମାନଙ୍କ ପାଇଁ ପ୍ରଚଳନ କରିଛନ୍ତି। ହାତୀମାନେ ଆଉ ଜଙ୍ଗଲରେ ଚରି ଗଛ ବୃକ୍ଷ ନଷ୍ଟ କରିପାରିବେ ନାହିଁ। ପରିବେଶର ସୁରକ୍ଷା ଓ ଜଙ୍ଗଲ ବଞ୍ଚାଅ ଅଭିଯାନ ସ୍ୱରୂପ ଏହି ପଦକ୍ଷେପ ସେଠାରେ ନିଆଯାଇଛି। ଏହି ଅଭିନବ ବଟିକା ଆଖୁ ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ଏବଂ ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ସାର ବା ଭିଟାମିନ୍ ରହିଛି। କୌଣସି ବିବଦମାନ ପରିସ୍ଥିତିରେ ମଣିଷ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଘଟଣାରେ ବିଶେଷ କିଛି ନୂତନତା ନାହିଁ। କିନ୍ତୁ କୋର୍ଟ ଆଦେଶ ପାଇ ହାତୀଟିଏ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବା ନିଶ୍ଚିତ ଭାବେ ଏକ ବିସ୍ମୟକର ତଥା କୌତୁହଳପ୍ରଦ କଥା। ଏହିଭଳି ଏକ ବିବାଦମାନ ପରିସ୍ଥିତିରେ "ନାରାୟଣ" ନାମକ ଏକ ହାତୀ, ଗତ କିଛିଦିନ ତଳେ କେରଳର କୋଟାୟାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅପରାଧୀ ଭାବରେ ଠିଆ ହୋଇ ଏକ ବିରଳ ନଜୀର ସୃଷ୍ଟି କରିଥିଲା। ୩୨ ବର୍ଷିଆ ଏହି ହାତୀଟିକୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେତେବେଳେ ଗୋପାଳକୃଷ୍ଣ କୁରୁପଙ୍କ ଘରକୁ ଧରାହୋଇ ଆସିଥିଲା। ଏହାର ୪ ବର୍ଷ ପରେ କୁରୁପଙ୍କ ପରିବାରର ସଂପତ୍ତି ଭାଗବଣ୍ଟନରେ ହାତୀଟି କୁରୁପଙ୍କ ପତ୍ନୀ ସାଥୀ ଆମ୍ମାଙ୍କ ଭାଗରେ ପଡ଼ିଲା। କିନ୍ତୁ ପରବର୍ତ୍ତୀ କାଳରେ ହାତୀଟି ଲିଜ ସୂତ୍ରରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଲିକଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିଲା। ଫଳସ୍ୱରୂପ ହାତୀର ମାଲିକ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ନାନା ପ୍ରକାର ବିବାଦର ସୂତ୍ରପାତ ହୋଇଥିଲା। ବିଚାରପତିଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବା ଦିନ କୋର୍ଟ ପରିସର ମଧ୍ୟରେ ସବୁ ଓକିଲଙ୍କ ସମେତ ବହୁ ଦର୍ଶକ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ। ମାଲିକ "ସାଥୀ ଆମ୍ମାକୁ" ଦେଖି ହାତୀଟି ତତ୍କ୍ଷଣାତ ଚିହ୍ନି ପାରିଥିଲା ଏବଂ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ହାତୀଟିର ପ୍ରକୃତ ମାଲିକ ହେଉଛନ୍ତି ସାଥୀ ଆମ୍ମା।

ଚାକିରୀରୁ ଅବସର ଗ୍ରହଣ ପରେ ସାଧାରଣତଃ କର୍ମଚାରୀମାନେ ପେନସନ ପାଇବା ଆମେ ସମସ୍ତେ ଜାଣିଛେ। ମାତ୍ର ହାତୀ ସେହିପରି ଏକ କର୍ମମୟ ଜୀବନରୁ ଅବସର ପାଇବାପରେ ପେନସନ ପାଇବାଟା ଆଶ୍ଚର୍ଯ୍ୟ ଲାଗୁଥିବ ନୁହେଁ? ତେବେ ପଶ୍ଚିମ ବଙ୍ଗର ଜଙ୍ଗଲ ବିଭାଗରେ ନିଯୁକ୍ତ ଥିବା ଏକ ହାତୀକୁ ୬୫ ବର୍ଷ ପୁରିଲା ପରେ ସେ ଏହି ବୃତ୍ତିର ଅଧିକାରୀ ହୋଇଥିଲା। ଏହି ଅଧିକାର ପ୍ରାପ୍ତ ସ୍ୱରୂପ ହାତୀକୁ ଉତ୍ତମ ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ଯୋଗାଇ ଦିଆଯାଇଥିଲା। ବରାହ ମିହିରଙ୍କ ଲିଖିତ 'ବୃହତ ସଂହିତା'ରେ ହାତୀଦାନ୍ତ କେଉଁ ସମୟରେ କିପରି କଟାଯାଏ ସେ କଥା ବର୍ଣ୍ଣନା କରାଯାଇଛି। ଦସ୍ୟୁ ସର୍ଦ୍ଦାର ବୀରାପାନ୍ନା ହାତୀ ଦାନ୍ତ ପାଇଁ ପ୍ରାୟ ୨୦୦୦ ହାତୀଙ୍କୁ ମାରିପାରିଛି। କେତେ ଶହ ବର୍ଷ ହେଲା ରାଜସ୍ଥାନ ହାତୀଦାନ୍ତ କାରିଗରୀର କେନ୍ଦ୍ର ରୂପେ ରହି ଆସିଛି। ଏଠାରେ ହାତୀଦାନ୍ତ ଦ୍ୱାରା ନିର୍ମିତ ଚୁଡ଼ିର ବହୁତ ବ୍ୟବହାର ରହିଛି। ଆଜିକାଲି ଜଙ୍ଗଲ କ୍ଷୟଯୋଗୁ ଓଡ଼ିଶାରେ ହାତୀଙ୍କ ସ୍ୱାଭାବିକ ଜୀବନଚର୍ଯ୍ୟା ବ୍ୟାହତ ହେଉଛି। ସେମାନଙ୍କ ଖାଦ୍ୟ ସମ୍ବଳ କମି ଯାଇଥିବା ବେଳେ ଜୀବନ ପରିସର ସଙ୍କୁଚିତ ହେଉଛି। ଆଗକୁ ସରକାର ଯଦି ସଚେତନ ନ ହୁଅନ୍ତି ରାଜ୍ୟରେ ହାତୀମାନଙ୍କ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ।

୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର
ମୋବାଇଲ : ୯୩୩୭୩୬୨୩୮୩

# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର



ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।

ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:

ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଲେଟିନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪

# କୋଲ୍ଡ ପ୍ଲଂଜ

॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥

ଧାଁ ଧଉଡ଼ ଓ କର୍ମବ୍ୟସ୍ତ ଜୀବନ ଭିତରେ ସମସ୍ତଙ୍କୁ ଅନେକ ସମୟରେ ଅବସନ୍ନ ଓ ଥକ୍କା ଅନୁଭବ ହୋଇଥାଏ। ଆମେ ଅନେକ ସମୟରେ ଶରୀର ପାଇଁ କିଛି ସମୟ ବିଶ୍ରାମ ଖୋଜିବା ସହ ଚାପ ଠାରୁ ଦୂରେଇବା ପାଇଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ରଖିଥାଉ। ଶରୀରକୁ ଅଧିକ କର୍ମତତ୍ପର, କ୍ରିୟାଶୀଳ ଓ ସତେଜ ରଖିବା ପାଇଁ ଯେଉଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଅଛି ତାହା ଭିତରୁ କୋଲ୍ଡ ପ୍ଲଂଜ ଅନ୍ୟତମ। ଅନେକ ଏହା ବିଷୟରେ ଜାଣିନଥାନ୍ତି। ଏହାରି ସମ୍ପର୍କରେ ଏକ ଛୋଟିଆ ଆଲୋଚନାରେ ଏଠାରେ ରଖୁଛୁ। ଶରୀର ଏବଂ ମନକୁ ଚାପମୁକ୍ତ ରଖିବା ପାଇଁ ଯୋଗ, ବ୍ୟାୟାମ ଠାରୁ ଆରମ୍ଭ କରି ଆମେ କେତେ କ'ଣ କରିଥାଉ। କିଛି ଲୋକ ଶରୀରକୁ ଚାପମୁକ୍ତ କରିବା ପାଇଁ ବିଭିନ୍ନ ଥେରାପିର ମଧ ସାହାଯ୍ୟ ନେଇଥାନ୍ତି।

କୋଲ୍ଡ ପ୍ଲଂଜ ମଧ ଏମିତି ଏକ ଥେରାପି। ଏହାକୁ ଆଇସ ବାଥ ମଧ କହିପାରିବା। ଏବେ ଏହି ଥେରାପି ମାଧମରେ ଲୋକମାନେ ଶରୀରକୁ ଚାପମୁକ୍ତ ରଖିପାରୁଛନ୍ତି। ଅଧିକାଂଶ ଲୋକଙ୍କ ଦିନ ଆରମ୍ଭ ହୋଇଥାଏ ଚା କିମ୍ବା କଫିରୁ। କାରଣ ଚା' ଓ କଫି ତୁରନ୍ତ ନିଦ ଭାଙ୍ଗିବା ସହିତ ସତେଜ ରଖିଥାଏ। କିନ୍ତୁ ସବୁଦିନ ଖାଲିପେଟରେ ଚା' ଓ କଫି ପିଇବା ଦ୍ୱାରା ଏହା ଶରୀରକୁ ମଧ କ୍ଷତି ପହଞ୍ଚାଇଥାଏ। କିଛି ଲୋକ ନିଦ ଭାଙ୍ଗିବା ପାଇଁ ପୁରା ଦିନରେ ୮-୯କପ ଚା' ପିଇଥାନ୍ତି। କିନ୍ତୁ ସପ୍ତାହକୁ ଦୁଇଥର କୋଲ୍ଡ ପ୍ଲଂଜ ନେବା ଦ୍ୱାରା ଦିନ ସାରା ସତେଜ ରହିବା ପାଇଁ ଚା' ଓ କଫିର ଆବଶ୍ୟକତା ନଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଥଣ୍ଡା ପାଣିରେ ଶରୀରକୁ ବୁଡ଼ାଇବା ଦ୍ୱାରା ମସ୍ତିଷ୍କରେ ନରପେନେଫ୍ରିନ ସୃଷ୍ଟି ହୋଇଥାଏ। ଏହା ଆମର କାମ କରିବା ପ୍ରତି ଧ୍ୟାନ ଏବଂ ଶରୀରକୁ ସତେଜ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ ଯେଉଁମାନେ ଆଥଲେଟ ସେମାନେ ମଧ କୋଲ୍ଡ ପ୍ଲଂଜ ଥେରାପି ମାଧମରେ ମାଂସପେଶୀ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିପାରିଥାନ୍ତି। ଶରୀରରେ ହରମୋନ ଅଭାବ କାରଣରୁ ଏହା ଅବସାଦର ରୂପ ନେଇଥାଏ।

କିନ୍ତୁ ଯେତେବେଳେ କୋଲ୍ଡ ପ୍ଲଂଜ କରାଯାଏ ମସ୍ତିଷ୍କରେ ନରପେନେଫ୍ରିନ କ୍ଷରଣ ହେବା କାରଣରୁ ଏହା ଅବସାଦର ଲକ୍ଷଣକୁ କମ କରିଥାଏ। ମସ୍ତିଷ୍କ ପୁଣିଥରେ ସାମାନ୍ୟ ରୂପରେ କାମ କରେ। କୋଲ୍ଡ ପ୍ଲଂଜ ନେଉଥିବା ବ୍ୟକ୍ତି ଶରୀରକୁ ୨ ମିନିଟ ପର୍ଯ୍ୟନ୍ତ ଥଣ୍ଡା ପାଣିରେ ବୁଡ଼ାଇ ରଖିଥାନ୍ତି। ୨ମିନିଟ ପର୍ଯ୍ୟନ୍ତ ଶରୀରକୁ ତିନିଥର ବୁଡ଼ାଇବାକୁ ହୋଇଥାଏ। କେହି କେହି ଛାତି ପର୍ଯ୍ୟନ୍ତ ବୁଡ଼ାଇଥାନ୍ତତି ଆଉ କେହି ପୁରା ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇଥାନ୍ତି। ଏହାଦ୍ୱାରା ଶରୀରରେ ଏହି ସମୟରେ ବିଭିନ୍ନ ପ୍ରତିକ୍ରିୟା ଘଟିଥାଏ। ଥଣ୍ଡା ପାଣି କାରଣରୁ ରକ୍ତ ଧମନୀ ଗୁଡ଼ିକ ଶିଥିଳ ପଡ଼ିଯାଏ। ହେଲେ ପୁଣିଥରେ ପାଣିରୁ ବାହାରକୁ ଆସିବା ପରେ ଏହା କ୍ରିୟାଶୀଳ ହୋଇଥାଏ ଏବଂ ଶରୀରକୁ ସତେଜ ଅନୁଭବ କରାଇଥାଏ।

**ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର**
**ଦୂରଭାଷ : ୮୨୮୦୧୨୭୯୧୦**

## ବେଗୁନିଆ ବ୍ଲକରେ ୧୫୯୯ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

ବେଗୁନିଆ,(ମହାଭାରତ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଆସନ୍ତା ୨୧ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏନେଇ ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଶୃଙ୍ଖଳିତ ଏବଂ ସ୍ୱଚ୍ଛତା ପରିଚାଳନା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ବ୍ଲକର ନୋଡାଲ ପରୀକ୍ଷା କେନ୍ଦ୍ର ଭାବେ ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦାୟିତ୍ୱ ମିଳିଛି । ସେହିପରି ବ୍ଲକର ଯୋଗ୍ୟ ବିବେଚିତ ୧୧ଟି ପରୀକ୍ଷା କେନ୍ଦ୍ରକୁ ଅନୁମତି ମିଳିଛି। ଉକ୍ତ କେନ୍ଦ୍ରରେ ମୋଟ୍ ୧୫୯୯ ଜଣ ମାଟ୍ରିକ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ନୋଡାଲ କେନ୍ଦ୍ରର ଅଧିକାରୀଭାବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଏବଂ ଡେପୁଟି ଅଧିକାରୀଭାବେ ସୁରଲିତା ଦଳେଇଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଶ୍ନପତ୍ରକୁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ନୋଡାଲ କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ୪ଜଣ ସଶସ୍ତ୍ର ପୋଲିସ ବାହିନୀ ସୁରକ୍ଷା ଯୋଗାଇଦେବେ। ନୋଡାଲ କେନ୍ଦ୍ର ସହିତ ଅନ୍ୟ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟ ଆଙ୍କୁର୍ଦ୍ଧାରେ ବାର୍ଷିକ ଉତ୍ସବ

ଗଁଦିଆ,(ମହାଭାରତ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ଗଁଦିଆ ଗ୍ରାମ ପ□ାୟତ ଅଧୀନସ୍ଥ ଆଙ୍କୁର୍ଦ୍ଧା ଗ୍ରାମରେ ଗଢ଼ିଉଠିଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଙ୍କୁର୍ଦ୍ଧା ରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ଙ୍କ ପ୍ରତ୍ୟେକ୍ଷ ତ୍ୱାବଧାନରେ ଓ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଉପସ୍ଥିତ ହୋଇ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରତର ପୂର୍ବତନ ମହାମହିମ ରାଷ୍ଟ୍ରପତି ଡଃ ଏ ପି ଜେ ଅବଦୁଲ କଲାମଙ୍କ ଉକ୍ତି ଡ୍ରିମ୍ ଡ୍ରିମ୍ ଡ୍ରିମ୍ ପ୍ରୋମିଜ ପ୍ରୋମିଜ ପ୍ରୋମିଜ ଆକ୍ସନ ଆକ୍ସନ ଆକ୍ସନ କୁ ବୁଝାଇ ଭଲ ମଣିଷ ହେବାପାଇଁ ସକାରାତ୍ମକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## ଟାଙ୍ଗରା ଭୂମି ରେ ଅନ୍ତଚାଷ : ଜୀବନ ଜୀବିକା ର ମାଧ୍ୟମ ହେଲା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ



ଖଡ଼ିଆଳ:(ମହାଭାରତ) ଦିନ ଥିଲା ଭୋକ ଉପାସ ରେ ରହି କଠିନ ପରିଶ୍ରମ କରି ଦୁଇ ଓଳି ଦୁଇ ମୁଠା ପାଇଁ ଦାଦନ ଯିବା କୁ ପଡୁଥିଲା । ଜମି ତ ଥିଲା ହେଲେ ତାହା ଚାଷ ଉପଯୋଗି ଜମି ନଥିଲା । ହେଲେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ର ସହାୟତା ଓ ପ୍ରେରଣା ରେ ୧୨ ଜଣ ଚାଷୀ ସ୍ୱାବଲମ୍ବୀ ହେବା ସହ ଗାଁ ର ଅନେକ ପରିବାର କୁ ରୋଜଗାର ଦେବା ରେ ସକ୍ଷମ ହୋଇଛନ୍ତି । ଗାଁ ର ୧୨ ଜଣ ଚାଷୀ ନିଜ ପରିଚୟ ନିଜେ ସୃଷ୍ଟି କରି ଲକ୍ଷପତି ହେବାର ଆସା ବାନ୍ଧିଛନ୍ତି। ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ଖଡ଼ିଆଳ ବ୍ଲକ ଅରେଡ଼ା ଗାଁ ରେ । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅରେଡ଼ା ଗାଁ ର ୧୨ ଜଣ ଚାଷୀ ଏବେ ଜିଲ୍ଲା ରେ ଉଦାହରଣ ସାଯୁଛନ୍ତି । ଦିନ ଥିଲା ଜମି ଥାଇ ଅନ୍ୟତ୍ର ଯାଇ ଦାଦନ ଖଟି ଦୁଇ ଓଳି ଦୁଇ ମୁଠା ପାଇଁ ଯନ୍ତ୍ରଣା ଭୋଗୁଥିଲେ । ହେଲେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ର ସଂସ୍ପର୍ଶ ରେ ଆସି ବିଭାଗ ର ସଚେତନତା ଓ ପ୍ରେରଣା ରେ ଆମ୍ବ ବଗିଚା ପାଇଁ ସହାୟତା ପାଇଥିଲେ । ପ୍ରଥମେ ଆଠ ହେକ୍ଟର ଜାଗା ରେ ବାଡ଼ ଦେଇ ସମୂହ ଚାଷୀ ୩୨୦୦ ଶହ ଆମ୍ବ ଗଛ ଲଗାଇଛନ୍ତି । ତାର ରକ୍ଷଣାବେକ୍ଷଣା ପାଇଁ ବିଭାଗ ସହାୟତା ରେ ଶ୍ରମିକ ନିୟୋଜିତ ହୋଇ ଦୈନନ୍ଦିନ ଲାଗିଛନ୍ତି । ବର୍ତ୍ତମାନ ଆମ୍ବଗଛ ଗୁଡ଼ିକ ରେ ଆମ୍ବ ବଉଳ ଆସିଥିବା ବେଳେ ଆମ୍ବ ଅମଳ କଲେ ଲକ୍ଷାଧିକ ଟଙ୍କା ରୋଜଗାର ହେବ ବୋଲି ଅରଡା ଗ୍ରାମର ରାଜେଶ୍ୱର ଶବର ଓ ଉମେଶ ଧରୁଆ ତଥା ଅନ୍ୟ ଦଶଜଣ ଚାଷୀ ମାନେ ଆସା ବାନ୍ଧି ବସିଛନ୍ତି । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ତରଫ ରୁ ଚାଷୀ ଙ୍କୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ବାଡ ଠାରୁ ଆରମ୍ଭ ଗଛ ର ରକ୍ଷଣାବେକ୍ଷଣା ପାଇଁ ଶ୍ରମିକ ଙ୍କ ପାଉଣା ଠାରୁ ନେଇ ଜୈବିକ ସାର ଯୋଗାଇ ଦେଇ ବିଭାଗୀୟ ଅଧିକାରୀ ମାନେ ତାର ତଦାରଖ ରଖୁଛନ୍ତି । ଆଗାମୀ ଦିନରେ ଆମ୍ବରୁ ବିଶେଷ ଲାଭବାନ ହେବେ ଏ ଆସା ଉଭୟ ବିଭାଗ ଓ ଚାଷୀ ରଖିଥିବା ବେଳେ ବର୍ତ୍ତମାନ ଆମ୍ବ ବଗିଚା ଭିତରେ ରେ ଅନ୍ତଚାଷ ଯେମିତି କି ଆଳୁ, ବାଇଗଣ ପାତଲ ଘଣ୍ଟା ଠାରୁ ନେଇ ଝୁନୁଙ୍ଗା, ତରଭୁଜ, ଲାଉ ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ଆମ୍ବ ଅମଳ ହେବା ପୂର୍ବ ରୁ ଚାଷୀ ମାନେ ବିଭିନ୍ନ ପ୍ରକାର ପନିପରିବା ବିକ୍ରି କରି ବହୁ ଲାଭବାନ ହେବା ସହ ସ୍ଥାନୀୟ ଶ୍ରମିକ ମାନଙ୍କୁ ରୋଜଗାର ଦେଇ ପାରିଛନ୍ତି । ପୂର୍ବରୁ ଦାଦନ ମୁହାଁ ହୋଇ କାମ ଅନେ୍ୱଷଣ ରେ ବାହାରେ ଯାଇ କାମ କରୁଥିଲୁ ବର୍ତ୍ତମାନ ଆମ୍ବ ବଗିଚା ରେ କାମ କରି ସରକାରୀ ଟଙ୍କା ସହ ଚାଷୀ ଙ୍କ ଠାରୁ ମଧ୍ୟ ସହାୟତା ପାଇ ଖୁସିଥିବା ସ୍ଥାନୀୟ ଶ୍ରମିକ ମାନେ କହିଛନ୍ତି । ଅପରପକ୍ଷେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଯୋଜନା କୁ ଲୋକଙ୍କ ପାଖରେ ପହଞ୍ଚାଇ ତାର କାର୍ଯ୍ୟକାରିତା କରୁଛୁ ଏବଂ ଏଥିରେ ଅନେକ ଚାଷୀ ଉପକୃତ ହେବା ସହ ଶ୍ରମିକ ମାନେ ମଧ୍ୟ କାମ ପାଇ ପାରୁଛନ୍ତି, ଖଡିଆଳ ଅଞ୍ଚଳ ରେ ଅନେକ ଚାଷୀ ଉପକୃତ ହୋଇଥିବା ବେଳେ ଅରେଡ଼ା ଗ୍ରାମ ଏହାର ଅନ୍ୟ ଉଦାହରଣ । ଏହି ଉଦାହରଣ ରୁ ଲୋକେ ଆହୁରି ସଚେତନ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାଧନ ହୋଇ ପାରିବ ବୋଲି ଖଡ଼ିଆଳ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ଚିନ୍ତାମଣି ବେହେରା କହିଛନ୍ତି । ଖଡିଆଳ ବ୍ଲକ ଅରେଡ଼ା ଗାଁ ରେ ୧୨ ଜଣ ଚାଷୀ ଙ୍କୁ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫ ରୁ ସହାୟତା ପାଇ ସଂପୃକ୍ତ ଚାଷୀ ଲାଭବାନ ହେବା ସହ ସ୍ଥାନୀୟ ଶ୍ରମିକ ମାନେ ମଧ୍ୟ କର୍ମ ନିଯୁକ୍ତି ପାଇ ପାରିଛନ୍ତି । ଆଗାମୀ ଦିନ ରେ ଚାଷୀ ଲକ୍ଷ ପତି ହୋଇ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହେବା ସ୍ୱାଭାବିକ ଓ ସରକାର ଙ୍କ ଉଦ୍ଦେଶ୍ୟ ସାଧନ ହେବା ସୁନିଶ୍ଚିତ ଭଳି ଜଣାପଡୁଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଗଙ୍ଗପୁରରୁ ପଦାସାହି ରାସ୍ତା

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଗଙ୍ଗପୁର ରୁ ପଦାସାହି ପ୍ରାୟତଃ ୧ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ କଂକ୍ରିଟ ଲେଇ ରାସ୍ତା ଦୀର୍ଘ ୫ ବର୍ଷ ହେବ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥା ରେ ରହିଛି। ଏହାକୁ ପୁନଃ ଉଦ୍ଧାର କରି ମରାମତି କରିବା ପାଇଁ ଏହି ଅଞ୍ଚଳ ର ଜୈନକ ଯୁବ ସମାଜସେବୀ ୨୦୨୪ ମସିହା ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଏକ ଅଭିଯୋଗ ଆଣିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସାଧାରଣ ପ୍ରଶାସନ ତରଫରୁ ରିପୋର୍ଟ ଜାରି ହେବା ପରେ ପୋର୍ଟାଲ ରେ ଜିଲ୍ଲାପାଳ ତଥ୍ୟ ଦେଇଥିଲେ ଏହି କାର୍ଯ୍ୟ ଜାରିରହିଛି ମାତ୍ର ଅଭିଯୋଗ ର



୮ ମାସ ପରେ ସାଧାରଣ ପ୍ରଶାସନ ର ୱେବ ପୋର୍ଟାଲ ରେ ଦେଖିବାକୁ ମିଳିଛି ଏହା ଫଇସଲା ହୋଇଛି। ମାତ୍ର ଏହି ରିପୋର୍ଟ ଦେଖିବା ପରେ ଏହି ଗ୍ରାମାଞ୍ଚଳ ଲୋକ ମାନଙ୍କ ଭିତରେ ଏକ ପ୍ରକାର ପ୍ରଶ୍ନବାଚୀ ସନ୍ଦେହ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ନଟକିଶୋର ମହାନ୍ତି, ମାଧବ କାଣ୍ଡି, ଶିବ ପ୍ରସାଦ ନାୟକ ଆଦି ଅଞ୍ଚଳ ବାସି ଗଣମାଧ୍ୟମ ସାମ୍ନା ରେ ଏହି ୱେବ ପୋର୍ଟାଲ ତଥ୍ୟ କୁ ନେଇ ସନ୍ଦେହଜନକ ଅଭିଯୋଗ ଆଣିଛନ୍ତି, ଏହି ବାବଦରେ ଆମେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଙ୍କୁ ପଚାରିବାରୁ ସେ ଏହି ରାସ୍ତା ବାବଦରେ କିଛି ଜାଣିନାହାନ୍ତି ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ହୋଇଥିବା ଅଭିଯୋଗ ସଂକ୍ରାନ୍ତ ରେ ଆଦୌ ଜାଣିନାହାନ୍ତି ବୋଲି ମତାମତ ଦେଇଥିଲେ, ତତପରେ ବିଶେଷସୂତ୍ର ରୁ ପଞ୍ଚାୟତ ର ଏହି ରାସ୍ତା ନୁହେଁ ବୋଲି ତଥ୍ୟ ମିଳିବା ପରେ ପରିଶେଷରେ ଗ୍ରାମ୍ୟଉନ୍ନୟନ ବିଭାଗ କୁ ପଚରା ଯାଇଥିଲା କିନ୍ତୁ ସେ ରାସ୍ତା ତାଙ୍କ ବିଭାଗ ଅଧୀନରେ ନୁହେଁ ବୋଲି ସେ ମଧ୍ୟ ମନା କରିଥିଲେ, ଏହି ଘଟଣା କୁ ନେଇ ଉକ୍ତ ଅ□ଳ ରେ ଏକ ପ୍ରକାର ଜନଅସନ୍ତୋଷ ପ୍ରକାଶ ପାଇବା ପରେ ବର୍ତ୍ତମାନ ଏହି ରାସ୍ତା କେଉଁ ବିଭାଗ ଅଧୀନରେ ରହିଛି ତାହାକୁ ନେଇ ଅଞ୍ଚଳ ବାସି ଦାବୀ ଉପସ୍ଥାପନା କରିଛନ୍ତି, ଏବେ କିପରି ମୁଖ୍ୟମନ୍ତ୍ରୀ ଙ୍କ ୱେବ ପୋର୍ଟାଲ ରେ ଏହି ତଥ୍ୟ ଆସିଲା ଆଉ ବାସ୍ତବ ରେ ଏହାର ଅର୍ଥ କଣ ତାହାକୁ ତୃଣମୂଳ ସ୍ତରରେ ତଦନ୍ତ କରିବା ସହ ଏହି ଅଞ୍ଚଳ ର ରାସ୍ତା କୁ ମରାମତି କରିବା ପାଇଁ ବିଭିନ୍ନ ମହଲ ରେ ଦାବୀ ହୋଇଛି।

## ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନ ଉପସ୍ଥିତିରେ ବାଲିଛାଇ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ଘଟଣା ବୈଠକ




ଆସିକା,(ମହାଭାରତ) ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ବାଲିଛାଇ ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯ ଏହି ବୈଠକରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଡେପୁଟି କଲକ୍ଟର ଅମିତ ରଞ୍ଜନ, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ବିଡିଓ ସାଗରିକ ଷଡଙ୍ଗୀ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଏ.ଏସ.ଆଇ ଶୁଭାଶିଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ଗତ ୨୦୦୦ ମସିହାରେ ବାଲିଛାଇ ଗ୍ରାମର ପ୍ରାୟ ୫୦ ଟି ହରିଜନ ପରିବାର ଛୁଆଁ ଅଛୁଆଁ ଜାତିଗତ ଭେଦଭାବକୁ ନେଇ ଗ୍ରାମର କିଛି ସବର୍ଣ୍ଣ ବ୍ୟକ୍ତି ସେମାନଙ୍କୁ ସାମାଜିକ ବାସନ୍ଦ କରିଥିଲେ । ଗାଁ ଦାଣ୍ଡରେ ସର୍ବସାଧାରଣ ରାସ୍ତାରେ ସେମାନଙ୍କୁ ଯିବା ଆସିକା ମନା କରାଯାଇଥିଲା । ବାଲିଛାଇ ଗ୍ରାମର ମନ୍ଦିର, ହୋଟେଲକୁ ପ୍ରବେଶ ମନା, ସ୍କୁଲରେ ପିଲା ମାନଙ୍କୁ ପାଠ ପଢିବା ପାଇଁ ମନା, ଗାଁ ପୋଖରୀରେ ଗାଧୋଇବା ମନା, ନଳକୂପରେ ପାଣି ଆଣିବା ମନା, ଦୋକାନରୁ ସଉଦା ଆଣିବା ମନା କରାଯାଇଥିଲା ଯ ସେତେବେଳ ବାଲିଛାଇ ଗ୍ରାମର ଅସାମାଜିକ ସବର୍ଣ୍ଣ ବ୍ୟକ୍ତି ମାନେ ଏକତ୍ରିତ ହୋଇ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଠେଙ୍ଗା, ବାଡ଼ି, ଖଣ୍ଡାକାତି,କୁରାଢ଼ି ହାତରେ ଧରି ଅଶ୍ଳୀଳ ଭାଷାରେ ସେମାନଙ୍କୁ ଗାଳି ଗୁଳଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଅସବର୍ଣ୍ଣ ଜାତିର ପରିବାର ବର୍ଗର ଆବାଳବୃଦ୍ଧ ସମସ୍ତଙ୍କୁ ରକ୍ତାକ୍ତ କରି ମାରଣାତ୍ମକ ଆକ୍ରମଣ ସହ ମହିଳା, ଯୁବତୀ ମାନଙ୍କୁ ଟଣାଓଟରା, ବଳତ୍କାର ଉଦ୍ୟମ, ଘରର ସମସ୍ତ ଆସବା ପତ୍ର, ଧାନ, ଚାଉଳ, ମୁଗ, ବିରି, କୋଳଥ, ମାଣ୍ଡିଆ, ବିହନ ସବୁ ଲିଟି ନେଇଥିଲେ ।ସେମାନଙ୍କ ପକ୍କାଘର ସହିତ ସମସ୍ତ ବାସଗୃହ ଭାଙ୍ଗି ଦେଇଥିଲେ। ଶେଷରେ ସମସ୍ତ ପରିବାର ସଦସ୍ୟଙ୍କୁ ଗ୍ରାମରୁ ଜୋର ଜବରଦସ୍ତ ବାହାର କରିଦେଇଥିଲେ । ବାଲିଛାଇ ଗ୍ରାମର ବିତାଡିତ ପରେ ଦିର୍ଘ ୨୫ ବର୍ଷ ହେଲା ରାଜ୍ୟର ବିଭିନ୍ନ ଜିଲ୍ଲାଓ ରାଜ୍ୟ ବାହାରେ ଖାଇବାକୁ ନ ପାଇ ଏଣେତେଣେ ଘୁରି ବୁଲିବା ସହ ଯାଯାବର ଜୀବତ ବିତାଉଛନ୍ତି । ଏହି ସମୟ ଭିତରେ ଅଧିକାଂଶ ସଦସ୍ୟ ଖାଇବାକୁ ନ ପାଇ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିସାରିଛନ୍ତି । ଅନେକ ବର୍ଷ ପରେ ନିଜ ଗ୍ରାମ ଭିଟାମାଟିକୁ ଫେରିବା ପାଇଁ ପ୍ରଶାସନ ନିକଟରେ ଦ୍ୱାରସ୍ଥ ହେବା ସହ ଯୁଦ୍ଧ କାଳିନ ଭିତିରେ ନିର୍ଦ୍ଧିଷ୍ଟ ସମୟ ସୀମା ଭିତରେ ଥଇଥାନ ପାଇଁ ଅନୁରୋଧ କରିଥିଲେ । ଏନେଇ ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଥିଲା ଯ ପୁଣି ବାଲିଛାଇ ଗ୍ରାମର ଅସବର୍ଣ୍ଣ ପରିବାର ବର୍ଗ ସାତ ଦଫା ଦାବୀ ନେଇ ପ୍ରଶାସନକୁ ଜଣାଇ ଥିଲେ । ଏନେଇ ପ୍ରଶାସନ ପକ୍ଷରୁ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠିକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକର ସରକାରଙ୍କ ପକ୍ଷରୁ ସେମାନଙ୍କ ଜୀବନଧାରଣ ଓ ବଞ୍ଚିବା ପାଇଁ ବିସ୍ଥାପିତ ମାନଙ୍କୁ ପୁନଃ ଥଇଥାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ଆଲୋଚନାରେ ବାଲିଛାଇ ଗ୍ରାମ୍ୟ କମିଟି ସହ ଅସବର୍ଣ୍ଣ ପରିବାର ବର୍ଗର ଲୋକ ମାନେ ଯୋଗ ଦେଇଥିଲେ । ଆସନ୍ତା ଫେବୃୟାରୀ ୨୪ ତାରିଖ ଦିନ ବାଲିଛାଇ ଗ୍ରାମରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ବିସ୍ଥାପିତ ଅସବର୍ଣ୍ଣ ପରିବାର ବର୍ଗ ଲୋକଙ୍କ ଥିବା ଜାଗାର ସୀମା ଚିହ୍ନଟ ପ୍ରକ୍ରିୟା ହେବା ନେଇ ସୂଚନା ପ୍ରଦାନ କରା ଯାଇଥିଲା । ଏହାପରେ ପ୍ରତ୍ୟେକ ପରିବାର ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାର ସ୍ୱରୂପ ବିଜୁଳି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ସାଙ୍ଗକୁ ଅନ୍ୟାନ୍ୟ ସାମାଜିକ , ଆର୍ଥିକ କ୍ଷେତ୍ରରେ ସୁରକ୍ଷା ସହ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ଗତ ୨୬.୧୧.୨୦୦୮ ଓ ୨୩.୮.୨୦୧୧ ମସିହାରେ ପ୍ରଶାସନ ପକ୍ଷରୁ ସରକାରଙ୍କ ପକ୍କା ଘର ଯୋଜନାରେ ବାସଗୃହ ନିର୍ମାଣ ଓ ପୁନଃ ଥଇଥାନ ନିଷ୍ପତି , ଗ୍ରାମରେ ଶାନ୍ତି ରକ୍ଷା ନିମନ୍ତେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ ଏବଂ ଗଞ୍ଜାମ ଏସ.ପି, ଆସିକା ଏସଡିପିଓ ଓ ଥାନା ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥିଲା ।

## ଉଦ୍ୟାନ କୃଷି କର୍ମଶାଳା

ଗଁଦିଆ, (ମହାଭାରତ) : ଗଁଦିଆ ଚାଷୀ ଉତ୍ପାଦକ କମ୍ପାନୀ ଲିଃ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ରୀନାରଣୀ ଖଟୁଆ ଯୋଗଦାନ କରୀଉକ୍ତ କର୍ମଶାଳାର ଉଦଘାଟନ କରିଥିଲେ ଏବଂ ସାମ୍ମାନୀତ ଅତିଥିଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ନିର୍ଦ୍ଧେଶକା ଶ୍ରୀମତୀ ଗୀତାଞ୍ଜଳି ପାଢ଼ୀ,ବ୍ଲକ କୃଷି ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତ,କୃଷକ ଗୋପାଳ ରାଉତ ପ୍ରମୁଖ ଯୋଗଦାନ ଦେଇଥିଲେ । ରାଜ୍ୟରେ ଚାଷ ହେଉଛି ଅର୍ଥନୀତିର ଏକ ମେରୁଦଣ୍ଡ ଅଟେ । ସମସ୍ତ ଚାଷୀଙ୍କୁ କୃଷକ ଓଡିଶା ରେଜିଷ୍ଟ୍ରେସନ କରିବା ସହ ଧାନ ଫସଲ ପରି କିପରି ଉଦ୍ୟାନ କୃଷି ଯଥା କାଜୁ, ଆମ୍ବ,କଦଳୀ, ଡ୍ରାଗନ ଫ୍ରୁଟ , ଡାଳିମ୍ବ, ଅମୃତ ଭଣ୍ଡା, ଗେଣ୍ଡୁ, ଗୋଲାପ, ରାଜନୀଗନ୍ଧା, ଚାଷ, ଆଳୁ ଓ ଶଙ୍କର କିସମ ପନିପରିବା, ଛତୁ ଚାଷ ଭଳି ବିଭିନ୍ନ ଉଦ୍ୟାନ କୃଷି ଭିତ୍ତିକ ଚାଷ କରି ଚାଷୀ ମାନେ ରୋଜଗାର କ୍ଷମ ହେବେ ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଜ୍ୟ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ବିଷୟରେ ଆଲୋଚନା କରିବା ସହ ଏହାର ପ୍ରଣାଳୀ ଓ ଆମଦାନୀ ସହ ବିକ୍ରି କରି କେତେ ଲାଭ ପାଇପାରିବେ ଓ ଏହାର ଯତ୍ନ କିପରି ନେବା ସହ ଉଦ୍ୟାନ କୃଷି ର ବିକାଶ, କୃଷକ ମାନଙ୍କୁ ଉତ୍ତମ ଜ୍ଞାନକୌଶଳ ଶିକ୍ଷା, ବିଭିନ୍ନ ସରକାରୀ ଯୋଜନା ବିଷୟରେ ସେ



ନେଇ ଉପସ୍ଥିତ ଚାଷୀ ଓମାନଙ୍କୁ ଅତିଥି ମାନେ ପ୍ରଶିକ୍ଷଣ ଦେଇଥିଲେ ।ଏଥିରେ ଚାଷୀ ବାପୁନ ମଲ୍ଲିକ ,ପ୍ରତାପ ସାହୁ, ଦଧିବାମନ ଧଳ, ପୂର୍ଣ୍ଣ ହେମ୍ବ୍ରମ, ପିକୁ ଦେହୁରୀ, ବିପିନ ସାହୁ, ସରିତା ବେହେରା, କୁଳମଣି ବେହେରା, ନରହରିରାଉତ, ରାକେଶ ବେହେରା ସମେତ ଶହେ ରୁ ଉର୍ଦ୍ଧ ବହୁ ଚାଷୀଙ୍କ ସମେତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଟିର ପରିଚଳନାରେ ସହଯୋଗ କରିଥିଲେ ଏଚଇଡବ୍ଲୁ ଦୀପକ ସାମଲ ଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଯୁବ ଉଦ୍ୟୋଗୀ ଚାଷୀ ତଥା ଗଁଦିଆ ଚକ୍ଷଷୀ ଉତ୍ପାଦକ କମ୍ପାନୀ ଲିଃ ର ନିର୍ଦ୍ଦେଶକ ରବୀନସନ ସାହୁ ରାଜ୍ୟ ସରକାରଙ୍କର ଦ୍ୱାରା ମିଳୁଥିବା ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ଭାଇ ମାନେ ଉଦ୍ୟାନ ବିଭାଗ ତରଫରୁ ଉଦ୍ୟାନ ଭିତ୍ତିକ ଚାଷ କରିକିପରି ଲାଭବାନହୋଇପାରିବେତାହା ଉପରେ ନିଜର ମତ ରଖିଥିଲେ ସମସ୍ତ ଅତିଥିଙ୍କୁ ଓ ଚାଷୀ ଭାଇମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶିକା ସ୍ମରଣୀକା ଦାସ।

## କାରଖାନାର ଶବ୍ଦ ରେ ପ୍ରଭାବିତ ସ୍ଥାନୀୟ ବାସିନ୍ଦା

ଦାନଗଦି:( କଳିଙ୍ଗନଗର)ଶିଳ୍ପନଗର କଳିଙ୍ଗନଗର ରେ ଶିଳ୍ପ ମାନ ଗୁଡ଼ି ହୋଇ ହୁ ହୁ ହୋଇ ବଢ଼ିଚାଲିଥିବାବେଳେ, ଏ ଅଞ୍ଚଳର ସମସ୍ୟା ଅନେକ କିନ୍ତୁ ସମାଧାନର ବାଟ ଖୋଜିବାକୁ ଲାଗିବସିଛନ୍ତି କଳିଙ୍ଗନଗର ବାସୀ, ସମସ୍ୟା ସମାଧାନ ହେଉନାହିଁ ହତାଶ ହୋଇ ପଡିଲେଣି ଅଞ୍ଚଳବାସୀ, କାରଖାନା ପାଖ ଲାଗିରହିଥିବା ଗ୍ରାମ ଗୁଡ଼ିକ ସମସ୍ୟା ଅନେକ ରହିଥିବାବେଳେ କଳିଙ୍ଗନଗର ଅଞ୍ଚଳ ପ୍ରଦୂଷଣ ହେଉ ବା ଟ୍ରାଫିକ ସମସ୍ୟା ବିକଟାଳ ଶବ୍ଦ କଥା କୁହନ୍ତୁ ବିଭିନ୍ୟା ପ୍ରକାର ସମସ୍ୟା ଘେରରେ ପରିବେଶ ବିପଦପୂର୍ଣ୍ଣ ହୋଇଚାଲିଛି। କାରଖାନା କୁ ଲାଗିରହିଥିବା ଆଖ ପାଖର ଗ୍ରାମ ଉପରେ କାରଖାନାର ଧୂଳି ଧୂଆଁ ସହ ବିକଟାଳ ଶବ୍ଦ ଦୈନେ୍ୟ ଦିନ ଜୀବନରେ ସଭିଙ୍କ ପ୍ରଭାବିତ କରିଚାଲିଛି, କିଡ଼ିନ ଯକ୍ଷ୍ମା ଚର୍ମ ଅନେକ ଅଜଣା ରୋଗ ଅଞ୍ଚଳ ବାସୀ ଙ୍କ ଉପରେ ଦାଉ ସାଜୁଛି, କିଡିନ ରୋଗରେ ଅନେକ ଜୀବନ ଜିବାସହ ଚର୍ମ ରୋଗରେ ଏ ଅଞ୍ଚଳର ୭୦ ଭାଗ ଲୋକେ ପୀଡ଼ିତ,କାରଖାନାର ବିକଟାଳ ଶବ୍ଦ ରେ ସାରା ଅଞ୍ଚଳବାସୀ ସ୍ତବ୍ଧ ହୋଇପଡ଼ିଥିବା ବେଳେ ଦିନ ହେଉ ବା ରାତ୍ରୀ ସମୟରେ ସ୍ଥାନୀୟ ବାସିନ୍ଦା ଶାନ୍ତିରେ ଶୋଇବା ମଧ୍ୟ କଷ୍ଟକର ହୋଇପଡିଛି,କଳିଙ୍ଗନଗର ରେ ଟ୍ରାଫିକ ସମସ୍ୟା ଅନେକ ରହିଥିବାବେଳେ ଗାଡ଼ି ମୋଟର ଏତେ ମାତ୍ରାରେ ବଢିବାକୁ ଲାଗିଲାଣି ଯେ କେହି ଘରୁ ଗୋଡ଼ କାଢି ପଦାକୁ ବାହାରିବାକୁ ଭୟ କଲେଣି, କାରଖାନା କୁ ଯାତାୟତ କରୁ ଥିବା ବସ ହେଉ ବା ମାଲ୍ ବୋଝେଇ ଭାରି ଯାନ ବେପୁରିଆ ଭାବେ ଗାଡ଼ି ଚଳାଚଳ କରିବା ସହ ଟ୍ରାଫିକ ର କୌଣସି ସୁବିଧା ନଥିବାହେତୁ କାରଖାନା ଭିତରେ ପ୍ରବେଶ ସମୟରେ ୨୦ କିମି ବେଗରେ ଗାଡ଼ି ଚଳାଚଳ କରୁଥିବାବେଳେ କାରଖାନା ରୁ ବାହାରିବା ମାତ୍ରେ ନିୟମ ମାନୁନାହାନ୍ତି, ଅତ୍ୟଧିକ ବେଗରେ ଗାଡି ଚଳାଚଳ ରେ ଦୃଘଟଣ ଘଟି ଅନେକ ପ୍ରାଣ ଗଲାଣି, କଳିଙ୍ଗନଗର ଅଞ୍ଚଳରେ ଦୃଘଟାଣ ଥମିବାର ନା ଧରୁନି,ପ୍ରତ୍ୟେକ ଦିନ କି କିଛି ଦୁର୍ଘଟଣା ଘଟିଚାଲିଛି, କାରଖାନା କୁ ଲାଗିରହିଥିବା ଗ୍ରାମ ସାରଙ୍ଗପୁର ଗ୍ରାମରେ କାରଖାନା ର ଶବ୍ଦ ପ୍ରଭାବିତ କରିବାସହ ବାରାଗଡ଼ିଆ ହରିଜନ ସାହିରେ ବାସିନ୍ଦା ସମସ୍ୟା ଅନେକ ରହିଛି ବାରମ୍ବାର ଗଣମାଧ୍ୟମ ସାମ୍ନାରେ ଅଙ୍ଗେ ନିଭାଇଥିବା କଥା ସବୁ ଉପସ୍ଥାପନ କରିଥିବାବେଳେ, ସମସ୍ୟା ସମାଧାନ ନହେଲେ ଆଗାମୀ କେଇ ଦିନରେ ପୋକ ମାଛି ଭଳି ରୋଗରେ ପଡ଼ି ଅଞ୍ଚଳ ବାସିନ୍ଦା ଶୂନ୍ୟ ହୋଇଯିବେ।

# ସାମ୍ବାଦିକ ମାନଙ୍କ ପକ୍ଷରୁ ପାନୀୟ ଜଳ ସମସ୍ୟା ଦୂରିକରଣ ଓ ଜଳଛତ୍ର ନିର୍ମାଣ ଦାବି

ଅନୁଗୋଳ,(ମହାଭାରତ):ଅନୁଗୁଳ ସହରରେ ପାନୀୟ ଜଳ ସଙ୍କଟ ଦୂରିକରଣ ଓ ଜଳଛତ୍ର ନିର୍ମାଣ ନେଇ ଜିଲ୍ଲାର ସାମ୍ବାଦିକ ମାନଙ୍କ ତରଫରୁ ପୌରାଧକ୍ଷ ଓ କାର୍ଯ୍ୟ ନିର୍ବାହ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି ।ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ ଏହା ଆମର ଦାୟିତ୍ୱ ଓ ଏ ସମସ୍ୟାର ସମାଧାନ ନିଶ୍ଚିତ ଭାବରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଏହା ସହିତ ଗ୍ରୀଷ୍ମ ଋତୁରେ ଅନୁଗୁଳ ଜିଲ୍ଲାର ତାପମାତ୍ରା ସର୍ବୋଚ୍ଚ ୫୦ ଡିଗ୍ରୀ ଛୁଇଁଥାଏ ଯଫଳରେ ଗ୍ରୀଷ୍ମ ପ୍ରବାହ କାରଣରୁ ଜଳାଭାବ ଦେଖା ଦେଇଥାଏ ।ସହର ମଧ୍ୟରେ ଅନେକ ଗୁଡ଼ିଏ ନଳକୂପ ରହିଥିବା ବେଳେ କିଛି କାର୍ଯ୍ୟକ୍ଷମ ରହିଛି ତ ଅନେକ ଗୁଡ଼ିଏ ଅଚଳ ଅବସ୍ଥାରେ । ଏଣୁ ସମସ୍ତ ନଳକୂପ ଗୁଡ଼ିକ ମରାମତି କରିବାର ଆବଶ୍ୟକତା ରହିଥିବା ବେଳେ ସହର ମଧ୍ୟରେ ଜଳ ଯୋଗାଣ କରୁଥିବା କୂପ ଓ ପାଣି ଟାଙ୍କି ଗୁଡିକର ଉତ୍ତତ ପରିମଳ ବ୍ୟବସ୍ଥା ଅତ୍ୟାବଶ୍ୟକ ରହିଛି । ଏଥି ସହିତ ସହର ମଧ୍ୟରେ ରହିଥିବା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଓ ଶୁଦ୍ଧ ଜଳ ଯୋଗାଣ ପିଇବା ବନ୍ଦୋବସ୍ତ କରିବା ପାଇଁ ସାମ୍ବାଦିକ ଭାଇ ମାନେ ଦାବି ଜଣାଇଥିଲେ ।ସେହିପରି ବିଭିନ୍ନ ସରକାରୀ, ବେସରକାରୀ ଓ ଅତ୍ୟାବଶ୍ୟକ କାର୍ଯ୍ୟରେ ଆସୁଥିବା ଆଗନ୍ତୁକ ତଥା ଯାତ୍ରୀମାନଙ୍କ ପାଇଁ ସହର ବିଭିନ୍ନ ସ୍ଥାନରେ ଜଳଛତ୍ର ମାନ ଖୋଲାଯାଇ ପାନୀୟ ଜଳ ବନ୍ଦୋବସ୍ତ କରାଯାଉ । ତାପମାତ୍ରା ବୃଦ୍ଧି କାରଣରୁ ଅଂଶୁଘାତର ଭୟ ରହିଛି । ଏଣୁ କିଛି କିଛି ସ୍ଥାନରେ ନଡ଼ା ବା ପତ୍ର ଛାଉଣି କରାଗଲେ ଯାତ୍ରୀମାନଙ୍କ ବିଶ୍ରାମ କରିବାରେ ସୁବିଧା ହେବ ଓ ଅଂଶୁଘାତରୁ ରକ୍ଷା ମିଳିବ । ଏଥିସହିତ ନୀରିହ ପଶୁ ପକ୍ଷୀ ମାନଙ୍କ ପାଇଁ ମଧ୍ୟ କିଛି କିଛି ଯାଗାରେ ପାଣି କୁଣ୍ଡ ରଖାଯାଇ



ଦୈନିକ ପାଣି ରଖିବାର ବନ୍ଦୋବସ୍ତ କରାଯାଉ ।ଫଳରେ ଜଳ କଷ୍ଟ ଦୂର ହୋଇପାରିବ ବୋଲି ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ।ପୌରାଧକ୍ଷଙ୍କ ସହିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତି ନଥିବାରୁ ତାଙ୍କ ପ୍ରତିନିଧି ଭାବେ ଯନ୍ତ୍ରୀଙ୍କୁ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି ।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିଶ୍ୱ ରଞ୍ଜନ ପଟ୍ଟନାୟକ, ପ୍ରତାପ ବିଶ୍ୱାଳ,ପତିତ ପାବନ ସାହୁ, ସୁବ୍ରତ ତ୍ରିପାଠୀ, ପର୍ଶୁରାମ ଦାଶ,ଶୁଭ୍ର ରଞ୍ଜନ ଦାସ, ଦ୍ୱାରିକା ପ୍ରସାଦ ନନ୍ଦ,ରାଜେଶ କୁମାର ପାତ୍ର,ମନୋଜ ଦେହୁରୀ , ବନମାଳୀ ନାଏକ, ଉମାକାନ୍ତ ସାହୁ, ଦିନେଶ କୁମାର ନାଏକ, ଅମୂଲ୍ୟ କୁମାର ସାହୁ,ବିଜୟ କୁମାର ଦେ,ଶୁଭ୍ରଜି ସ୍ୱାଇଁ,ରାକେଶ କୁମାର ସାମଲ, ମହେଶ ଭୋମରାଜ, ସୁଶାନ୍ତ କୁମାର ସାହୁ,ଜଗଦୀଶ ନାୟକ,ସତ୍ୟଶମ୍ଭୁ ନାଏକ,ଶିବୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ନବରଙ୍ଗପୁର,(ମହାଭାରତ):ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ କୁକୁଡାବାଇ ଗ୍ରାମ ପଞ୍ଚାୟତ ଅଫିସ ପରିସରରେ ପ୍ରବାସୀ ଶ୍ରମିକ ମାନଙ୍କର ବିଭିନ୍ନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁ ମାନଙ୍କର ସୁରକ୍ଷା ଆଇନ କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭୀପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ପ୍ରବାସୀ ଶ୍ରମିକ ମାନଙ୍କର ବିଭିନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁ ମାନଙ୍କର ସୁରକ୍ଷା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଶ୍ରୀ ଛୋଟରାୟ ଟୁଡୁ, ଜିଲ୍ଲା ଶ୍ରମ ଅଧିକାରୀ, ଶ୍ରୀମତୀ କିଶୋରୀ ପଟ୍ଟନାୟକ ତାଲିକାଭୁକ୍ତ ଆଇନଜୀବି, ଶ୍ରୀ ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷ୍ୟା ପରାମର୍ଶଦାତା,ଶ୍ରୀମତୀ ରତ୍ନା ଯାନୀ, ସରପଞ୍ଚ କୁକୁଡାବାଇ ଗ୍ରାମ ପଞ୍ଚାୟତ, ଏବଂ ଶ୍ରୀ ପ୍ରବୀଣ କୁମାର ପ୍ରଧାନ ପୀ ଇ ଓ, କୁକୁଡାବାଇ ଗ୍ରାମ ପଞ୍ଚାୟତ ପ୍ରମୁଖ ଯୋଗ ଦେଇଥିଲେ, ଏହି ଶିବିରରେ ଓଡିଶା ଅଣସଂଗଠିତ ସାମାଜିକ ସୁରକ୍ଷ୍ୟା ବୋର୍ଡ ଅଧୀନରେ ୧୫ ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର ଓ ମୃତ୍ୟୁ କାଳୀନ ସହାୟତା ବାବଦକୁ ୮ ଜଣ ହିତାଧିକାରୀଙ୍କୁ ମୋଟ ଟଙ୍କା ୧୨ ଲକ୍ଷର ସହାୟତା ପ୍ରଦାନ କରାଯାଇଥିଲା ।ଏହି ସଚେତନତା ଶିବିରରେ ଆଇନଜୀବି, ଶ୍ରୀ ରାଜ କିଶୋର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଚନ୍ଦ୍ରପୁର ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ




(ବସ୍ତା/ମହାଭାରତ) ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅଧିନସ୍ଥ ରମଚନ୍ଦ୍ରପୁର ସରକାରୀ ୟୁ.ଜି.ୟୁ.ପି ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିବା ବେଳେ, ସହକାରୀ ଶିକ୍ଷକ ଧର୍ମେନ୍ଦ୍ର କୁମାର ଦାସ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୁଷ୍ଟି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ବିପିନ ବିହାରୀ ବିଶ୍ଵାଳ, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସରପ□ ସଂଗ୍ରାମ କୁମାର ଦାସ ମହାପାତ୍ର, ଆର କେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ ଓ ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସ, ଅଚ୍ୟୁତାନନ୍ଦ ମହାନ୍ତି, ପ୍ରଶାନ୍ତ କୁମାର ପ୍ରଧାନ, ନାରାୟଣ କିଷ୍କୁ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରବୀନ୍ଦ୍ର ଗିରି, ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ସମାଜ ପ୍ରତି ତ୍ୟାଗ,ସମର୍ପଣ ସହିତ, ବଡ଼ ମଣିଷ ସହିତ ଭଲ ମଣିଷ ଗଢି ତୋଳିବାର ମାନସିକତା ରଖିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗୋଛାୟତ ମଞ୍ଚ ଆହ୍ୱାନ କରିଥିବାବେଳେ, ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସିଂ ଅତିଥି ପରିଚୟ, ଅଞ୍ଜଳୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ସମାପ୍ତି ଦାସ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସାନଜରିଆ ଜ୍ଞାନ ଭାରତୀ ବିଦ୍ୟା ମନ୍ଦିର' ବାର୍ଷିକ ଉତ୍ସବରେ ଆତ୍ମସୁରକ୍ଷା ନେଇ ଟାଇକୋଣ୍ଡ ଶିକ୍ଷାକୁଗୁରୁତ୍ୱ

କେନ୍ଦ୍ରାପଡ଼ା,(ମହାଭାରତ): ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ଗ୍ରାମ ପଞ୍ଚାୟତ ଜ୍ଞାନ ଭାରତୀ ବିଦ୍ୟା ମନ୍ଦିରରେ ସପ୍ତଦଶତମ ମାତୃପିତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ରବିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଅଛି ।ଉକ୍ତ ଉତ୍ସବରେ ବିଦ୍ୟା ମନ୍ଦିରର ସମ୍ପାଦକ ବିପିନ ବିହାରୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଟ୍ଟାମୁଣ୍ଡାଇ ଶ୍ରୀମତୀ ପ୍ରେମ ବାଳା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ନିମନ୍ତେ 'ମା' ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ରଖିବା ସହ ଛାତ୍ର ଛାତ୍ରୀ ମାନେ କିଭଳି ନିଜେ ସୁରକ୍ଷିତ ରହି ଅନ୍ୟ ମାନଙ୍କୁ ମଧ୍ୟ ସୁରକ୍ଷା ଦେବାରେ ସହାୟକ ହୋଇପାରିବେ ଏଥିନେଇ ଟାଇକୋଣ୍ଡ ଶିକ୍ଷା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।ସିଆରସିସି ସତ୍ୟବ୍ରତ ସାମନ୍ତରାୟ, ସାନଜରିଆ ପଞ୍ଚାୟତର ସରପଞ୍ଚ ନିରାକାର ରାଉତ, ସିଂଘମ୍ ଟାଇକୋଣ୍ଡ୍ ଏକାଡେମୀର କୋଚ୍ ସୁଶାନ୍ତ ସାହୁ ଓ ସରସ୍ୱତୀ ବିଦ୍ୟାମନ୍ଦିରର ସମ୍ପାଦକ ସନ୍ତୋଷ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଠନମୂଳକ ମତାମତ ରଖିଥିଲେ। ଶିକ୍ଷାବିତ୍ ହୃଷୀକେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ଦକ୍ଷତା ବିକାଶ ପାଇଁ 'ମା' ମାନେ ଯତ୍ନବାନ ହେବାକୁ ଓ'ମା' ହିଁ ପିଲାର ପ୍ରଥମ ଗୁରୁ ବୋଲି କହିଥିଲେ। ବିଦ୍ୟା ମନ୍ଦିରର ପ୍ରତିମା ଗୁରୁମା ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ଯଥା ନୀଳେନ୍ଦ୍ରୀ ତରାଇ, ମଞ୍ଜୁଲତା ବେହେରା, ସରସ୍ୱତୀ ମୁଦୁଲି, ଉର୍ବଶୀ ପ୍ରଧାନ, ପୁଷ୍ପଲତା ସୂତାର, ସୁଚିତ୍ରା ବେଉରା ,ସୁବେଦିତା ସ୍ୱାଇଁ, ସରୋଜିନୀ ସୁତାର,ସୁଚିସ୍ମିତା ସ୍ୱାଇଁ,ସ୍ମୃତିରେଖା ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତା ବେହେରା, ରାହୁଲ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମଞ୍ଜୁ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଟାଇକୋଣ୍ଡ ଆଥଲେଟ୍ ପ୍ରଦର୍ଶନ କରିଥିଲେ।

# ଏକମାସ ହେଲା ଶୈବପିଠ ଓ ୧୦ବର୍ଷ ହେଲା ମୁଖ୍ୟରାସ୍ତା ଅନ୍ଧାର

ହିନ୍ଦୋଳ(ମହାଭାରତ)ଦୁର୍ନୀତିର ପାହାଡ଼ ଗଦାରେ ଛିଡା ହୋଇଥିବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ରେ ଜନସାଧାରଣ ସର୍ବନିମ୍ନ ମୌଳିକ ସୁବିଧା ପାଇଁ ତହଲ ବିକଳ ।ଗତ ଦୁଇବର୍ଷ ଭିତରେ ହିନ୍ଦୋଳ ଏନଏ ସି ରେ କୋଟିକୋଟି ଟଙ୍କାର ଦୁର୍ନୀତିର ଚେର ଏତେ ମାଡି ଯାଇଛି ଜେ ଆଖି ପକ୍ଷଉନାହିଁ। ଏପଟେ କିଛି ନଥିବା କିଛି ନିର୍ଦ୍ଧିଷ୍ଟ ବ୍ୟକ୍ତିବିଶେଷ ଗାଡିଘୋଡା ବ୍ୟାଙ୍କ ବାଲାନ୍ସ ସହ ବହୁ ବେନାମୀ ସମ୍ପତ୍ତିର ମାଲିକ ହେବାବେଳେ ସେପଟେ ହିନ୍ଦୋଳ ଏନଏସି ର ବହୁ ଅଞ୍ଚଳ ଷ୍ଟ୍ରିଟଲାଇଟ ପରିଚାଳନା ଅବ୍ୟବସ୍ଥା ପାଇଁ ରହୁଛି ଅନ୍ଧକାର ଭିତରେ। ଆଜକୁ ଦୀର୍ଘ ୨ମାସରୁ ଉର୍ଦ୍ଧ ସମୟଧରି ସହରର ପ୍ରମୁଖ ଶୈବପୀଠ ତଥା ଓ୍ୱାର୍ଡନଂ୧୧ର



ପଶ୍ଚିମେଶ୍ୱର ଶୈବପୀଠ ରହିଛି ଅନ୍ଧକାର ଭିତରେ ।ସେହିପରି ଓ୍ୱାର୍ଡନଂ ୧୨ର ତଥା ମୁଖ୍ୟରାସ୍ତାରେ ଆଶ୍ରମସ୍କୁଲ ଠାରୁ ତାରିଣୀମନ୍ଦିର ପର୍ଯ୍ୟନ୍ତ ଆଜକୁ ୧୦ବର୍ଷରୁ ଉର୍ଦ୍ଧ ସମୟ ଧରି ଅନ୍ଧକାର ମଧ୍ୟରେ ରହିଛି ଯେଉଁ ଅଞ୍ଚଳ ହାତୀ ଯାତାୟତ କରୁଥିବା ସହ ଚୋରିଡକାୟତର ଭୟ ରହୁଛି ଏବଂ ଦୁର୍ଘଟଣା ପ୍ରବଣ ଏରିଆ ମଧ୍ୟ ସେହିପରି ଅନେକ ସ୍ଥାନରେ ମରାମତି ଅଭାବରୁ ମାସମାସ ଧରି ଷ୍ଟ୍ରିଟ ଲାଇଟ ବନ୍ଦ ରହୁଛିଁୟ ତେବେ ହିନ୍ଦୋଳ ଏନଏସି ରେ କୋଟିକୋଟି ଟଙ୍କାର କାର୍ଯ୍ୟ କରି ବାହାବା ନେଉଥିବାବେଳେ ସର୍ବନିମ୍ନ ମୌଳିକ ସୁବିଧା ଟିଏ ଯୋଗାଇ ପାରୁନାହିଁ ବରଂ ଲାଭକ୍ଷନ୍ୱିତ ହେଉଥିବା କିଛି ନ୍ୟସ୍ତସ୍ୱାର୍ଥପର ବ୍ୟକ୍ତିଆକ୍ରୋଶଙ୍କ ଆକ୍ରୋଶ ମୂଳକ ରାଜନୀତି ପାଇଁ ଆଜି ହିନ୍ଦୋଳ ରସାତଳ ଗାମୀ ହେଉଥିବା ଦେଖିବାକୁ ମିଳୁଛି । କାଉନସିଲର ମାନେ ବାରମ୍ୱାର ଅଭିଯୋଗ କଲେ ମଧ୍ୟ ସେମାନଙ୍କୁ ଏବଂ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆ ନଯାଇ ବାହୁବଳୀ ନେତାଙ୍କ ଛାତ୍ରଛାୟା ତଳେ ଥାଇ ମେରୀ ରାୟ ତଥା ହିଟଲରି ଶାସନ ଚଳାଇଛନ୍ତି କିଛି ନିର୍ଦ୍ଧିଷ୍ଟ ମୁନଫାଖୋର ବ୍ୟକ୍ତି। ତେବେ ରାଜନୀତିର ଦକ୍ଷଉପେ□ ଜାଣିନଥିବା ହିନ୍ଦୋଳ ଜନସାଧାରଣ ତୁରନ୍ତ ସମସ୍ୟା ଥିବା ଅ□ଳର ଷ୍ଟ୍ରିଟ ଲାଇଟ ସଜାଡ଼ିବାକୁ ଦାବି କରିଛନ୍ତି।

# କୋଭିଡରେ ଗଲା ପୁଅ ର ଜୀବନ, କେବେ ମିଳିବ ସରକାରୀ ଟଙ୍କା ଚାହିଁଛନ୍ତି ପରିବାର ବର୍ଗ

ହାଟଡିହି, ସରକାରୀ ବ୍ୟବସ୍ଥାରେ ଏତେ ହୀନସ୍ତା ଏବଂ ଦୁର୍ଦ୍ଦଶା ଭୋଗିବାକୁ ପଡେ ବୋଲି ସମୟ ଆଉ ପରିସ୍ଥିତି ଅନୁସାରେ ବୁଝା ପଡେ । ଜନ ହିତକର ସରକାରୀ ଯୋଜନା ଅଧିକାଂଶ କ୍ଷେତ୍ରରେ ସଫଳ ରୂପାୟନ ହେବାରେ ବ୍ୟତିକ୍ରମ ଘଟୁଛି । ସେଥିପାଇଁ ସରକାର ଦାୟୀ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ତର୍ଜମା ଏବଂ ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ରୋଜଗାରିଆ ପୁଅ ମରିଯିବା ଦୁଃଖ ଠାରୁ ସରକାରୀ ସହାୟତା ରାଶି ପାଇବାକୁ ହେଲେ ଅଧିକ ଦୁଃଖ ମିଳୁଛି । କିନ୍ତୁ ସେ ଦୁଃଖ ଅଦ୍ୟାବଧି ପ୍ରଶମିତ ହୋଇପାରିନି । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମର ଭ୍ରମରବର ଜେନାଙ୍କ ରୋଜଗାରିଆ ପୁଅ ଭର୍ତ୍ତୃହରି (୩୦ ବର୍ଷ) କୋଭିଡ -୧୯ ରେ ଗତ ୧୩ ଜୁନ ୨୦୨୧ ରେ ଭୁବନେଶ୍ୱର ସ୍ଥିତ ଏକ କୋଭିଡ ମେଡିକାଲରେ ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁକୁ ୩ ବର୍ଷ ବିତିଗଲାଣି । କିନ୍ତୁ ତାଙ୍କ ପରିବାରକୁ ଅଦ୍ୟାବଧି ସରକାରୀ ସହାୟତା(ଏକ୍ସ ଗ୍ରାସିଆ)ରାଶି ମିଳୁନି । ସହାୟତା ରାଶି ପାଇବା ପରିବାର ଲୋକ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଦୌଡି ଦୌଡି ନାକେଦମ ହେଲେଣି । ତେବେ ତାଙ୍କର ଏହି ଦୁଃଖ କେବେ ସମାଧାନ ହେବ ତାହା କେବଳ ସମୟ କହିବ । ଭ୍ରମରବର ଏନେଇ ଦୁଃଖ ଏବଂ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଦିନକୁ ଦିନ ସରକାରୀ ବ୍ୟବସ୍ଥା କେତକ ସରକାରୀ ବାବୁ ମାନଙ୍କ ଦାୟିତ୍ୱହୀନତା ପାଇଁ ଅବ୍ୟବସ୍ଥାରେ ପରିଣତ ହେଉଛି । ଯାହା ଫଳରେ ଦୁଃଖ, ଦୁର୍ଦ୍ଦଶା ଭୋଗ କରିବାକୁ ପଡୁଛି। ସୂଚନା ଯୋଗ୍ୟ ଫର୍ମ ନଂ ୫ରେ ସମ୍ପୃକ୍ତ କୋଭିଡ ମେଡିକାଲ ତରଫରୁ ୧୩ ଜୁନ ୨୦୨୧ ରେ ଭର୍ତ୍ତୃହରିଙ୍କ ମୃତ୍ୟୁ କୋଭିଡ-୧୯ ଯୋଗୁ ହୋଇଥିବା ଦର୍ଶାଯାଇଛି । ୧୯ ଜୁନ ୨୦୨୧ ରେ ବିଏମସି ତରଫରୁ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ୭୪୩୫/୨୦୨୧ ନମ୍ବରରେ ନାମ ରେଜିଷ୍ଟ୍ରେସନ ହୋଇଥିଲା ।୨୩ ଜୁନ ୨୦୨୧ ରେ ମୃତ୍ୟୁ ପ୍ରମାଣ ପତ୍ର ମିଳିଥିଲା । ପରେ ଆନନ୍ଦପୁର ଉପଜିଲାପାଳଙ୍କ ତରଫରୁ ସହାୟତା ରାଶି ପ୍ରଦାନ ନିମନ୍ତେ ସୁପାରିଶ କରାଯାଇଥିଲା । ଯାହାର ରେଫରାନ୍ସ(ସୂଚନା)ନଂ ହେଉଛି ସ ି ଏ ପ ି ଏ ସ ୨୦୨୩୦୬୨୧୩୬୧୨୫୮୪୭ ଅଟେ ।

# ବିଶୋଇ ଅଂଚଳରେ- ଗୁଣି ଗାରେଡ଼ି ସନ୍ଦେହରେ ପତି ପତ୍ନୀଙ୍କୁ ହତ୍ୟା

## ଅଳ୍ପକେ ବର୍ତ୍ତିଛନ୍ତି ପୁଅ ବୋହୁ ଓ ଶିଶୁ କନ୍ୟା

ରାଇରଙ୍ଗପୁର(ମହାଭାରତ): ପୁଣି ଗୁଣି ଗାରେଡ଼ି ସନ୍ଦେହ ପାଇଁ ଗଡିଛି ଦୁଇ ମୁଣ୍ଡ ।ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ଖଡମବେଡା ପଞ୍ଚାୟତ କିତାବେଡା ଗ୍ରାମର ସ୍ୱାମୀ ସ୍ତ୍ରୀ ଦୁଇ ଜଣଙ୍କୁ ସୋମବାର ରାତିରେ ଡାହାଣି ସନ୍ଦେହରେ ଦୃବର୍ତ୍ତ□ ହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ସୋମବାର ସନ୍ଧ୍ୟା ୭/୮ ଟା ସମୟରେ ବିଶୋଇ ଥାନା ଅର୍ନ୍ତଗତ ଖଡମବେଡା ପଞ୍ଚାୟତ କିତାବେଡା ଡୁଙ୍ଗରି ସାହି ରେ ୪୮ ବର୍ଷୀୟ ଦେବେନ୍ଦ୍ର ନାଏକ ଗତକାଲି ସନ୍ଧ୍ୟା ସମୟରେ ନିଜ ଘର ସମ୍ମୁଖ ରେ ଚାଷ କରିଥିବା ବିଲାତି ବାଗିଚରେ ପାଣି ମଡାଉଥିବା ସମୟରେ ପୂର୍ବରୁ ଡାହିଣି ସନ୍ଦେହରେ ରାଗ ରଖିଥିବା ସେହି ସାହିର ୨୫ ବର୍ଷିୟ ଅଜୟ ନାଏକ ଦେବେନ୍ଦ୍ର ନାଏକ ଙ୍କୁ ପଛ ପଟୁ ବୁଡିଆ ରେ ଚୋଟ ମାରି ଘଟଣାସ୍ଥଳରେ ମାରି ଦେଇ ଘର ଭିତରକୁ ପ୍ରବେଶ କରିଥିଲା, ଏବଂ ସେହି ସମୟରେ ଘର ଭିତରେ ପୁଅ ବୋହୁ ସୁମିତ୍ରା ନାଏକ ଓ ତାର ଏକ ଦୁଇ ବର୍ଷର ଶିଶୁ କନ୍ୟା ଏବଂ ସ୍ତ୍ରୀ ୪୫ ବର୍ଷୀୟା ଚମ୍ପା ନାଏକ ଶୋଇବା ଅବସ୍ଥାରେ ଥିଲେୟ ଯେତେ ବେଳେ ଘର ଭିତରକୁ ଅଜୟ ନାଏକ ପ୍ରବେଶ କଲା। ସେହି ସମୟରେ ଘର ଭିତରୁ ପୁଅ ବୋହୁ ସୁମିତ୍ରା ଦୁଇ ବର୍ଷର ଏକ ଶିଶୁ କନ୍ୟା କୁ ଛାଡ଼ି ଭୟରେ ଦୌଡ଼ି ପଳାଇ ଥିଲା। ପରେ ଆସି ଘରେ ଦେଖିଲା ବେଳେକୁ ବିଲାତି ବାଗିଚରେ ଶଶୁର ଦେବେନ୍ଦ୍ର ନାଏକ ଓ ଘର ଭିତରେ ଶାଶୁ ଚମ୍ପା ନାଏକ ଙ୍କୁ ଅଜୟ ନାଏକ ହତ୍ୟା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ତେବେ ଶିଶୁ କନ୍ୟା ର କୌଣସି ଆଘାତ କରି ନ ଥିଲା ।ତେବେ ଆଜି ସକାଳୁ ତା ସାନ ପୁଅ ରାବେନ୍ଦ୍ର ନାଏକ ଘରକୁ ଆସି ବାପା ମା ର ମୃତ ଦେଖି ବିଶୋଇ ଥାନା କୁ ଫୋନ୍ ଯୋଗେ ଜଣାଇଥିଲା ।ଖବର ପାଇ ଆଜି ଘଟଣାସ୍ଥଳରେ ଏଡିସନାଲ ଏସ୍ ପି.ଯଦୁନାଥ ଜେନା,ଏସ୍ ଡ଼ି ପି ଓ ଗୋକୁଳାନନ୍ଦ ସାହୁ, ବାରିପଦା ସାଇନ୍ଟିଫିକ ଟିମ୍ ଏବଂ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ସହିତ ପୋଲିସ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ଫେରାର ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ହାତୀଗୋଡ଼ା ଆଶ୍ରମ ବିଦ୍ୟାଳୟ ରେ ବାର୍ଷିକଉତ୍ସବ ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ) ବୁଧବାର ଦିନ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ହାତୀଗୋଡ଼ା ଆଶ୍ରମ ବିଦ୍ୟାଳୟ ର ବାର୍ଷିକଉତ୍ସବ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଭିରାମ ନାଏକ ଅତିଥି ସ୍ୱାଗତ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । କେଶଡିହା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭବାନୀଶଙ୍କର ବେହେରା ସଭାପତିତ୍ୱ କରିଥିଲେ। ଅୟୋଜିତ ବାର୍ଷିକଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଡବ୍ଲୁ କରଞ୍ଜିଆ ଆଲୋକ କୁମାର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେୟମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ବ୍ଲକ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଚମକପୁର ସରକାରୀ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀ ,ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରତାପ ନାୟକ ,ରାମସାହି ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ମହାନ୍ତ,ବିଦ୍ୟାଳୟ ପରିଚାଳନା ସଭାପତି ପ୍ରଧାନ ଡିୟୁ ଯୋଗ ଦେଇଥିଲେ ।ଶେଷରେ ଶିକ୍ଷକ ଶୈଳେଶ ବାନ୍ଦିଆ ଧନ୍ୟବାଦ ଦେଇଥିଲେ ।କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ରେ ବିଜୟ ଲାଭ କରିଥିବା ଛାତ୍ର ଛାତ୍ରୀ ମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

## ହାଟଡିହି କେନ୍ଦ୍ର ସମବାୟ ବ୍ୟାଙ୍କ ଏଟିଏମ୍ ଗ୍ରାହକଙ୍କ କାମରେ ଲାଗୁନି



ହାଟଡିହି ଏହି ଅଞ୍ଚଳରେ ରେ ଥିବା ଗ୍ରାମା□ଳ ଲୋକଙ୍କ ସମସ୍ୟା ସମାଧାନ ପାଇଁ କେନ୍ଦୁଝର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତି ଶାଖା ମାନଙ୍କ ରେ ସେବା ପାଉଥିବା ଗ୍ରାହକ ମାନଙ୍କ ପାଇଁ ଏଟିଏମ୍ ବ୍ୟବସ୍ଥା କରିଥିଲେୟ ଯାହାକୁ ଆଦୌ ଖୋଲା ଯାଉ ନଥିବା ଦେଖିବାକୁ ମିଳୁଛି। ଏବେ ଧାନ ବିକ୍ରି କରି ଲୋକେ ଟଙ୍କା ନେବାକୁ ଅପେକ୍ଷା କରିଥିବା ବେଳେ ବ୍ୟାଙ୍କ ସମୟ ରେ ଯଦି କେହି ଅସୁବିଧା ଭୋଗୁଛି ଏଟିଏମ୍ ବ୍ୟବସ୍ଥା ଅଛି ହେଲେ ତାହା ଖୋଲୁ ନଥିବା ରୁ ଲୋକେ ହତାଶ ହେଉଛନ୍ତି। ପରବର୍ତ୍ତୀ ସମୟ ରେ ଗ୍ରାହକ ମାନେ ଏଟିଏମ୍ ବ୍ୟବହାର କରୁଥିବା ନେଇ ଟଙ୍କା ମଧ୍ୟ କଟୁଛି। ଏହି ସଂପର୍କ ରେ କେହି ଉତ୍ତର ରଖିବାକୁ ଚାହୁଁ ନଥିବା ବେଳେ ଏଟିଏମ୍ ଦାୟିତ୍ୱ କାହା ଉପରେ ନ୍ୟସ୍ତ ତାହା ଏବେ ସନ୍ଦେହ ସୃଷ୍ଟି କରିଛି। ଏହା ଛଡା ଉକ୍ତ ବ୍ୟାଙ୍କ ଟି ଛେନାପଦୀ ବଜାର ଶେଷ ଭାଗରେ ରହିଥିବା ରୁ ସନ୍ଧ୍ୟା ହେଲେ ମଦ୍ୟପ ମାନଙ୍କୁ ପ୍ରକୃଷ୍ଟ ସ୍ଥାନ ହେଉଛି ଏଟିଏମ୍ ସାମ୍ନା ରେ ଥିବା ପାଉଛ। ବ୍ୟାଙ୍କ ର ଚତଃପାଶ୍ୱରେ ମଦ ବୋତଲ , ଗ୍ଲାସ୍, ଅଧା ଅଧା ପାଣି ବୋତଲ ଦେଖି ଆସୁଥିବା ମହିଳା ଗ୍ରାହକ ମାନେ ବ୍ୟାଙ୍କ କର୍ମଚାରୀଙ୍କ ଚରିତ୍ର ବିଷୟ ରେ ଆଲୋଚନା କରୁଥିବା ରୁ ବ୍ୟାଙ୍କ ପ୍ରତି ଖରାପ ପ୍ରଭାବ ବଢିବା ରେ ଲାଗିଛି। ଯାହାକୁ କି ଉକ୍ତ ବ୍ୟାଙ୍କ ରେ ଲାଗିଥିବା ସି ସି କ୍ୟାମେରା ସବୁ କଏଦ କରୁଥିଲେ ସୁଦ୍ଧା କର୍ମଚାରୀ ମାନେ କାର୍ଯ୍ୟ ବ୍ୟସ୍ତତା ଦୃଷ୍ଟି ରୁ ଏଭଳି ଘଟଣା ସମ୍ପର୍କ ରେ ଆଦୌ ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳୁଛି। ଏହି ଘାଟଣା କୁ ବ୍ୟାଙ୍କ କର୍ମଚାରୀ ମାନେ ଗୁରୁତର ସହ ନେଇ ବ୍ୟାଙ୍କ୍ ଭଳି ଏକ ଆର୍ଥିକ କାରବାର ସଂସ୍ଥା କୁ କାହିଁକି ଅଣ ଦେଖା କରା ଯାଉଛି ବୋଲି ସାଧାରଣ ରେ ପ୍ରଶ୍ନ ବାଚି ସୃଷ୍ଟି ହୋଉଛି। ତେବେ ଯଦି ଲୋକେ ବ୍ୟାଙ୍କ ଆଗରେ ମଦ ପାନ କରିବେ ତାହାଲେ ନିଶା ବଢ଼ିଲେ କାହିଁକି ବ୍ୟାଙ୍କ ଲୁଟ ନହେବ ବୋଲି ପ୍ରଶ୍ନ କରିଛନ୍ତି। ଏହା କୁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଗୁରୁତର ସହ ନେବେ ବୋଲି ସାଧାରଣ ଲୋକେ ଆଶାବାଦୀ ଅଛନ୍ତ।

# ଆମପାଣିକୁ ବ୍ଲକ ଘୋଷଣା ଦାବି; ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋକସରା,(ମହାଭାରତ) : କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ନିମନ୍ତେ ଦାବି ଯୋର ଧରିଛି। ବୁଧବାର ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ନେତୃତ୍ୱରେ କୋକସରା ବ୍ଲକର ୮ଟି ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ୨ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଧର୍ମଗଡ଼ ପଞ୍ଚାୟତ ପଡିଆଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ବିରାଟ ଶୋଭାଯାତ୍ରା ମାଧ୍ୟମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେୟ ଏବଂ ଉପ ଜିଲ୍ଲାପାଳ ଅନୁପସ୍ଥିତ କାରଣରୁ ଡେପୁଟି କଲେକ୍ଟର ଚିତ୍ତ ରଞ୍ଜନ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କୋକସରା ବ୍ଲକର ଆମପାଣି ୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ମୋଟ ୮ ଗୋଟି ପଞ୍ଚାୟତ




ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, କାଉଡୋଲ, ଡୁଡୁକାଠେଙ୍ଗା, ମହିମା, ସାନ ପୋଡାଗୁଡା ଓ ଗୋତମୁଣ୍ଡା ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ସାହାଜଖୋଲ ଜଙ୍ଗଲ ପାଦଦେଶରେ ରହିଛି। ମୂଳ ବ୍ଲକ କୋକସରା ଠାରୁ ୨୫ରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ ଅଛନ୍ତି ଏହି ଗାଁ ଗୁଡ଼ିକ। ସେହି ପରି ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଚ୍ଛୁଲା ପଞ୍ଚାୟତ ମଧ୍ୟ ବଣ ଜଙ୍ଗଲ ଉପରାନ୍ତରେ ରହିଛନ୍ତି। ମୂଳ ଜୟପାଟଣା ବ୍ଲକକୁ ଯିବାକୁ ହେଲେ ଏହି ୨ ଗୋଟି ପଞ୍ଚାୟତକୁ ୩୫ କିଲୋମିଟର ଯିବାକୁ ପଡୁଛି, ନିକଟରେ ଆମପାଣି ୧୨. କିମି ଦୂରରେ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ପାହାଡ଼, ପର୍ବତ, ନଦୀ, ନାଳ ଓ ଜଙ୍ଗଲ ଘେରା ଅଞ୍ଚଳ ରହୁଛି। ଯାହା ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଲୋକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ଭୌଗଳିକ ଦୃଷ୍ଟି କୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୁଖ୍ୟ ସ୍ଥାନ ହୋଇଥିବାବେଳେ ଏଠାରେ ବ୍ଲକ ଗଠନ ନିମି□ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୦ ଗୋଟି ପଞ୍ଚାୟତ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ଆମପାଣି ଉପରେ ନିର୍ଭର କରିଥାନ୍ତିୟ ଏଠାରେ ଥିବା ସ୍କୁଲ, ଦୁଇଟି କଲେଜ, ଡାକ୍ତରଖାନା, ଥାନା, ଫରେଷ୍ଟ ଅଫିସ, ଆରଆଇ ଅଫିସ, ଗ୍ୟାସ ପଏଣ୍ଟ, ବ୍ୟାଙ୍କ, ସମବାୟ ସମିତି, ପୋଷ୍ଟ ଅଫିସ, ଏସ୍ଏସଡି ସ୍କୁଲ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଆମପାଣିକୁ ୨୬ ନମ୍ବର ଜାତୀୟ ରାଜପଥ ସହ ବିଜୁ ଏକ୍ସପ୍ରେସୱେ ସଂଯୋଗ କରୁଥିବାରୁ ଯାତାୟାତରେ ମଧ୍ୟ ସୁବିଧା ରହିଛି। ସବୁ ଦୃଷ୍ଟିରୁ ଆମପାଣି ଗ୍ରାମ ପଞ୍ଚାୟତ ନୂତନ ବ୍ଲକ ଗଠନ ପାଇଁ ପ୍ରଜୁର୍ଯ୍ୟ ରହିଛି। ଯଦି ସରକାର ଆମପାଣି ଗ୍ରାମ ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା କଲେ ସାଧାରଣ ଲୋକଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ, ମହିଳା ଓ ଶିଶୁ ବିକାଶ ଯୋଜନା ଆଦି ଏହି ଅଞ୍ଚଳରେ ହାତ ପାଆନ୍ତାରେ ପହଞ୍ଚିବାରେ ସହଜ ହେବ ସହ ଅଞ୍ଚଳରେ ବିକାଶ ଆଗେଇ ଲୋକେ ଉପକୃତ ହୋଇପାରିବେ। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ସମେତ ଟିକିଚନ୍ଦ୍ର ଧଙ୍ଗଡାମାଝୀ, କୁମୁଦ ପୁଝାରୀ, ଧନୁ ଦୁର୍ଗା, ଜିତୁ ପଣ୍ଡା, ବିଘ୍ନେଶ୍ୱର ନାଏକ, ସନ୍ତୋଷ ମାଝୀ, ଭଜମନ ନାଏକ, ସତ୍ୟ ନାଏକ, ଆମପାଣି ସରପ□ ରୁକ୍ମିଣୀ ବାଣୁଆ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଯମୁନା ନାଏକ, କାଉଡୋଲା ସରପ□ ଦେବୀ ସିଂ ଡାଣ୍ଡି, କୁମୁଦ ସେଠୀ, ବିଜୟ କୁମାର ପଣ୍ଡା, ଚକ୍ରଧର ବେଶ୍ରା, ତାପସ ରାୟ, ଖଗେଶ୍ୱର ପାଣିଗ୍ରାହୀ, ମଣିରାମ ବାଣୁଆ, ଯୁଗଳ କିଶୋର ନାଏକ, ମନୋରଞ୍ଜନ ବାଣୁଆ, ଧରିତ୍ରୀ ବାଗ, ସୁରେଶ ସାହୁ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଅର୍ଜୁନ ଭାଟି, ଅଜୟ ପଣ୍ଡା, ବିନୋଦ ସିଂ, ଧର୍ମାନନ୍ଦ ନାଏକ, ରାଜୁ ପଟେଲ, କେଶବ ବେଣୁପାଣି, ନୃପରାଜ ନାଏକ ସମେତ ୧୦ ଗୋଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ୩ ନକ୍ସଲ ନିପାତ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ପୋଲିସ ଏବଂ ନକ୍ସଲଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛ । ବୁଧବାର ହୋଇଥିବା ଏହି ଏନକାଉଣ୍ଟରରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ପୋଲିସ ଏନକାଉଣ୍ଟରରେ ୩ ଜଣ ମହିଳା ନକ୍ସଲଙ୍କୁ ହତ୍ୟା କରିଛି । ସୂଚନା ଅନୁଯାୟୀ, ପୋଲିସର ଏହି ଅପରେସନରେ ଅନେକ ନକ୍ସଲ ଆହତ ହୋଇଥିବା ଜଣାପଡିଛି । ଜଣେ ଅଧିକାରୀ ଏହି ଘଟଣା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ସେୟାର



କରିଛନ୍ତି । ଅତିରିକ୍ତ ପୋଲିସ ଅଧୀକ୍ଷକ ବିଜୟ ଡାବରଙ୍କ ଅନୁଯାୟୀ, ମଧ୍ୟପ୍ରଦେଶ ପୋଲିସର ନକ୍ସଲ ବିରୋଧୀ 'ହକ୍ ଫୋର୍ସ' ଏବଂ ସ୍ଥାନୀୟ ପୋଲିସ ଟିମ୍ ଛତିଶଗଡ଼ ରାଜ୍ୟ ସୀମା ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଏହି ଅପରେସନ ଆରମ୍ଭ କରିଥିଲେ । ବାଲାଘାଟ ଜିଲ୍ଲାର ମୁଖ୍ୟାଳୟରୁ ୯୦ କିଲୋମିଟର ଦୂରରେ ପୋଲିସ ଏବଂ ନକ୍ସଲଙ୍କ ମଧ୍ୟରେ ଏକ ଏନକାଉଣ୍ଟର ହୋଇଥିଲା । ଏହି ଏନକାଉଣ୍ଟରରେ ତିନି ଜଣ ମହିଳା ନକ୍ସଲ ନିହତ ହୋଇଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି । ପୋଲିସ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ପୋଲିସ ଘଟଣାସ୍ଥଳରୁ ଗୋଟିଏ INSAS ରାଇଫଲ, ଗୋଟିଏ ସେଲ୍ଫ-ଲୋଡିଂ ରାଇଫଲ୍ (SLR) ଏବଂ ଗୋଟିଏ ୩୦୩ ରାଇଫଲ୍ ଏବଂ ଦୈନନ୍ଦିନ ବ୍ୟବହାରର ଜିନିଷପତ୍ର ଜବତ କରିଛି । ଏହି ଏନକାଉଣ୍ଟର ସମୟରେ କିଛି ନକ୍ସଲ ମଧ୍ୟ ଆହତ ହୋଇଛନ୍ତି । ତଥାପି, ସେମାନେ ଖସି ପଳାଇବାରେ ସଫଳ ହୋଇଥିଲେ । ତେବେ ଫେରାର ନକ୍ସଲଙ୍କୁ ଧରିବା ପାଇଁ ୧୨ଟି ପୋଲିସ ଦଳ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି ।

# ଟ୍ରମ୍ପ ଭାରତକୁ ଜୋରଜବରଦସ୍ତ ବିକ୍ରି କରିବାକୁ ଚାହୁଁଛନ୍ତି ଅଦରକାରୀ ଏଫ୍-୩୫ ଜେଟ୍: ମସ୍କ

**ୱାଶିଂଟନ,୧୯।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ପଞ୍ଚମ ପିଢ଼ିର ଷ୍ଟିଲଥ୍ ଯୁଦ୍ଧ ବିମାନ ଏଫ୍-୩୫ ବିକ୍ରୟ କରିବାକୁ ପ୍ରସ୍ତାବ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ସମୟରେ ଟ୍ରମ୍ପ ଭାରତକୁ ଏହି ଯୁଦ୍ଧ ବିମାନ ବିକ୍ରୟ ଘୋଷଣା କରିଥିଲେ । ଏହି ଏଫ୍-୩୫ ଜେଟ୍ ସମ୍ପର୍କରେ ଟ୍ରମ୍ପଙ୍କ ପ୍ରସ୍ତାବ କିମ୍ବା ଚାପ ଉପରେ ଭାରତ ଏବେ ବି ଆଲୋଚନା କରୁଛି । ଏହା ମଧ୍ୟ କୁହାଯାଉଛି ଯେ, ରାଫେଲ ପରି ଭାରତ ମଧ୍ୟ ଏହି ଲଢୁଆ ବିମାନକୁ ଆମେରିକାରୁ ସୀମିତ ପରିମାଣରେ କିଣିବ । ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭାରତ ଉପରେ ଅଧିକରୁ ଅଧିକ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ଗୋଟିଏ ପଟେ, ଟ୍ରମ୍ପ ଏହି ଯୁଦ୍ଧ ବିମାନକୁ ଭାରତକୁ ଜୋରଜବରଦସ୍ତ ବିକ୍ରୟ କରିବାକୁ ଚାହୁଁଥିବା ବେଳେ, ଅନ୍ୟପଟେ ଆମେରିକାରେ ହିଁ ଏହା ବିରୁଦ୍ଧରେ ତଦନ୍ତ ଆରମ୍ଭ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ବିରୁଦ୍ଧରେ ଟ୍ରମ୍ପଙ୍କ ଅତ୍ୟନ୍ତ ନିକଟତର କୋଟିପତି ଏଲନ ମସ୍କଙ୍କ ବିଭାଗ ଡିଓଜିଇ ଦ୍ୱାରା ଏହି ତଦନ୍ତ ଆରମ୍ଭ କରାଯାଇଛି ଏବଂ ୨ ଟ୍ରିଲିୟନ ଡଲାରର ଏଫ୍-୩୫ କାର୍ଯ୍ୟକ୍ରମ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଚାଲିଛି । କ୍ଷମତାକୁ ଆସିବା ପୂର୍ବରୁ, ଏଲନ ମସ୍କ ଖୋଲାଖୋଲି ଭାବରେ ଏଫ୍-୩୫ ଲଢୁଆ ବିମାନକୁ ଫ୍ଲପ୍' ଏବଂ ଏହାର ନିର୍ମାତାମାନଙ୍କୁ 'ମୂର୍ଖ' ବୋଲି କହିଛନ୍ତି । ପୂର୍ବରୁ, ଜଣେ ଉଚ୍ଚ ଆମେରିକୀୟ ବାୟୁସେନା ଅଧିକାରୀ ମସ୍କଙ୍କ ବିରୋଧରେ ଖୋଲାଖୋଲି ପ୍ରତିକ୍ରିୟା ଦେଇଥିଲେ ଏବଂ କହିଥିଲେ ଯେ, ଟେସଲା ମାଲିକ ଏକ ପ୍ରକୃତ ଯୁଦ୍ଧ ପାଇଁ ଯୁଦ୍ଧ ବିମାନ ତୁଳନାରେ ଡ୍ରୋନର ଶକ୍ତିକୁ ଅଧିକ ଆକଳନ କରି ଭୁଲ କରୁଛନ୍ତି । ଆମେରିକୀୟ ବାୟୁସେନା ଯାହା କହୁଛି, ବିଶ୍ଳେଷକମାନେ କୁହନ୍ତି ଯେ, ମସ୍କଙ୍କ ସମାଲୋଚନାରେ ସତ୍ୟତା ଅଛି । ଫେବ୍ରୁଆରି ୨୦୨୪ ପୂର୍ବରୁ, ଆମେରିକା ସରକାରଙ୍କ ଡଟ୍ ଆଣ୍ଡ ଇ ପ୍ରକାଶ କରିଥିଲା ଯେ, ଏଫ୍-୩୫ ଲଢୁଆ ଜେଟ୍ କାର୍ଯ୍ୟକ୍ରମ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତା ପ୍ରତିଶ୍ରୁତି ସମ୍ପର୍କରେ ଗମ୍ଭୀର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ।

# ଏମୟୁଡିଏ ମାମଲାରେ ସିଦ୍ଧରମେୟାଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ମୈସୁର ଅରବାନ ଡେଭଲୋପମେଣ୍ଟ ଅଥୋରିଟି(ଏମୟୁଡିଏ) ମାମଲାରେ ଫସିଥିବା ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ କ୍ଲିନଚିଟ୍ ପ୍ରଦାନ କଲେ କର୍ଣ୍ଣାଟକ ଲୋକାୟୁକ୍ତ । କେବଳ ସିଦ୍ଧରମେୟା ନୁହେଁ ଏହି ମାମଲାରେ ଜଡିତ ଥିବା ତାଙ୍କ ପତ୍ନୀ ଓ ଅନ୍ୟ ଦୁଇଜଣଙ୍କୁ ବି କ୍ଲିନଚିଟ୍ ଦିଆଯାଇଛି । ତେବେ ଏମୟୁଡିଏରେ ଜମି ଆବଣ୍ଟନ ମାମଲାରେ ସିଦ୍ଧରମେୟାଙ୍କ ଉପରେ ମାମଲା ଚାଲୁ ରହିଥିଲା । କିନ୍ତୁ ପ୍ରମାଣ ଅଭାବରୁ ତାଙ୍କୁ କର୍ଣ୍ଣାଟକ ଲୋକାୟୁକ୍ତ ନିର୍ଦ୍ଦୋଷ ବୋଲି ଘୋଷଣା କରିଛନ୍ତି । ସ୍ନେହମୟୀ କ୍ରିଷ୍ଣା ନାମକ ଜଣେ ସାମ୍ବାଦିକ ତଥା ସାମାଜିକ କର୍ମୀ ଏମୟୁଡିଏରେ ହୋଇଥିବା ଜାଗା ଆବଣ୍ଟନରେ ମୁଖ୍ୟମନ୍ତ୍ରୀଙ୍କ ହାତଥିବା ନେଇ ଏକ ମାମଲା ଦାଖଲ କରିଥିଲେ । ତେବେ ସିଦ୍ଧରମୈୟାଙ୍କୁ ଲୋକାୟୁକ୍ତଙ୍କ କ୍ଲିନଚିଟ ନିର୍ଦ୍ଦେଶ ଦେବା ପରେ ତାଙ୍କ ନିକଟକୁ ଏକ ନୋଟିସ ଜାରି କରାଯାଇଛି । ଏହି ମାମଲାରେ ପର୍ଯ୍ୟାପ୍ତ ପ୍ରମାଣର ଅଭାବ ରହିଛି ଓ ଆଇନଗତ ଭୁଲ ବୁଝାମଣାରୁ ଏପରି ଅଭିଯୋଗ ହୋଇଥାଇପାରେ ତେଣୁ ଏହି ମାମଲାକୁ ରଦ୍ଦ କରାଯାଇଛି । କିନ୍ତୁ ସେ ଚାହିଁଲେ ଏକ ସପ୍ତାହ ମଧ୍ୟରେ ମାଜିଷ୍ଟ୍ରେଟଙ୍କ ଆଗରେ ଏହି ରାୟ ବିରୁଦ୍ଧରେ ଚ୍ୟାଲେଞ୍ଜ କରିପାରିବେ ବୋଲି ନୋଟିସରେ ସୂଚନା ଦିଆଯାଇଛି । ଜମି ଆବଣ୍ଟନ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ



ସିଦ୍ଧରମେୟାଙ୍କ ସମେତ ଅନ୍ୟମାନଙ୍କ ନାଁରେ ଭାରତୀୟ ପିଙ୍ଗଳ କୋର୍ଟ, ଦୁର୍ନୀତି ନିରୋଧି ଅଧିନିୟମ, ବେନାମୀ କାରବାର ଅଧିନିୟମ ଓ କର୍ଣ୍ଣାଟକ ଜମି ଅଧିଗ୍ରହଣ ଅଧିନିୟମ ଆଧାରରେ ବିଭିନ୍ନ ମାମଲା ରୁଜୁ କରାଯାଇଥିଲା । ତେବେ ଲୋକାୟୁକ୍ତ ଏହି ମାମଲାର ଯାଞ୍ଚ କରିବା ପରେ ଏଥିରେ କୌଣସି ଅପରାଧିକ ସମ୍ବନ୍ଧରେ ପ୍ରମାଣ ମିଳି ନଥିଲା । ତେଣୁ ସେ ଏହି ମାମଲାରେ ଜଡିତ ଥିବା ଅଭିଯୁକ୍ତମାନଙ୍କୁ କ୍ଷମା କରି ଏକ ଚୂଡାନ୍ତ ରିପୋର୍ଟ ତଲବ କରିଥିଲେ । ଏମୟୁଡିଏରେ ୨୦୧୬ରୁ ୨୦୨୪ ମଧ୍ୟରେ ହୋଇଥିବା ଜମି ଆବଣ୍ଟନର ଛାନଭିନ କରିବା ପରେ ଏଥିରେ କୈଣସି ଭ୍ରଷ୍ଟାଚାର ହୋଇନାହିଁ ବୋଲି ଲୋକାୟୁକ୍ତ ସୂଚନା ପ୍ରଦାନ କରିଛନ୍ତି । ତେବେ ଏବେବି ସପ୍ଲିମେଣ୍ଟାରି ଯାଞ୍ଚ ଜାରି ରହିଛି । ଏହି ଯାଞ୍ଚ ପ୍ରକ୍ରିୟା ସଂପୂର୍ଣ୍ଣ ହେବାପରେ ସିଆରପିସିର ଧାରା ୧୭୩(୮) ଅଧିନରେ ଏହି ରିପୋର୍ଟକୁ କୋର୍ଟକୁ ହସ୍ତାନ୍ତର କରାଯିବ ବୋଲି ଲୋକାୟୁକ୍ତ କହିଛନ୍ତି ।

# ଲିମକା 'ସୋଡ଼ା 'ଏନ' ଲେମ୍ବୁଯୁକ୍ତ' ଅଭିଯାନରେ ତ୍ରିପ୍ତୀ ଡ଼ିମରିଙ୍କ ଅଭିନୟ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** କୋକା-କୋଲା ଇଣ୍ଡିଆର ଘରୋଇ ବୃଦ୍ଧି ବ୍ରାଣ୍ଡ ଲିମକା, ଏକ ମୃଦୁପାନୀୟ ଅଟେ, ଯାହାର ଏକ ଆଇକନିକ୍ ଲେଖା ଏହା ଉପରେ ରହିଛି । ଧୂଆଁଳିଆ ବବ୍‌ଲସର ଭିନ୍ନତା ଠାରୁ ଉତ୍ସାହଭରା ସ୍ୱାଦ ଏ ସବୁର ମୌଳିକତା ଭିତରେ ଏହା ଭାରତୀୟ ଅଟେ । ପ୍ରକୃତରେ ଲିମକା ଏକ ଅଭିଜ୍ଞତା ସମ୍ପନ୍ନ ଅଟେ ଯାହା ଅନ୍ୟଠାରେ ଦେଖିବାକୁ ମିଳି ନଥାଏ ଯାହାକି ଏବେ ଭାରତର ସବୁଠାରୁ ଆଦରଣୀୟ ଲେମ୍ବୁଭରା ପାନୀୟ ହୋଇପାରିଛି । ଏହାର ରୋମାଂଚକର ନୂତନ ଗ୍ରୀଷ୍ମ ଅଭିଯାନ ସହିତ ବ୍ୟବହାରକାରୀମାନେ ଲିମକାକୁ ଏକ ସତେଜଭରା ନୂଆ ଯୁଗରେ ପାଇପାରିବେ । ଲିମକାରେ ଏକ ଥଣ୍ଡା ଢ଼ୋକ ଗ୍ରୀଷ୍ମ ପ୍ରବାହ ଦିନରେ ହଠାତ୍ ଆପଣଙ୍କୁ ଉପରକୁ ଉଠାଇ 'ଥଣ୍ଡା ପବନର ଶୀତଳତା' ଅନୁଭବ କରାଇବ । ଏହା ସେହିଭଳି ଅତି ସରଳ ତଥା ବାସ୍ତବ ଅର୍ନ୍ତଦୃଷ୍ଟି ଯାହାକି ଚ଼ଳିତ ବର୍ଷର ଲିମକା ଗ୍ରୀଷ୍ମ ଅଭିଯାନର ମୂଳ ବିଷୟ ଅଟେ । ଏହି ସତେଜ ଏହାର ସିଗ୍‌ନେଚୋରୀ ସୋଡ଼ା ଏନ ଲେମ୍ବୁର ବାଷ୍ପୀୟ ଫେଣଯୁକ୍ତକୁ ଏହାର ପ୍ରିୟ ଗ୍ରାହକଙ୍କ ପାଖରେ ଲିମକାର ପୁନଃଉନ୍ମୋଚ଼ନ ଏବଂ ଚ଼ମତ୍କାରୀ ତଥା ରୋମାନ୍ସର ଉତ୍ସବ ପାଳନ ପାଇଁ ନିମନ୍ତ୍ରିତ କରୁଛି । ଏହି ଅଭିଯାନ ତ୍ରିପ୍ତୀ ଡ଼ିମରି ତଥା ତାଙ୍କର ମତୁଆଲା ସାଙ୍ଗମାନଙ୍କର ଅଭିନୟର ଯାଦୁକରୀଙ୍କୁ ନେଇ ଆରମ୍ଭ ହେଉଛି ।

# ମିଆଁମାରରେ ଗୃହଯୁଦ୍ଧ ନେଇ ଭାରତର ଚିନ୍ତା ବଢିଲା

**ନାପିଦ୍ୱ,୧୯।୨(ଏଜେନ୍ସି):** ମିଆଁମାର ଗତ ଚାରି ବର୍ଷ ଧରି ଗୃହଯୁଦ୍ଧ ସହିତ ଲଢୁଛି । ମିଆମାରରେ, ଜୁଣ୍ଟା ସାମରିକ ଶାସକ ଏବଂ ବିଦ୍ରୋହୀ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ନିର୍ବାଚନରେ ଜାଲିଆତି କରିଥିବା ଅଭିଯୋଗ କରି ସେନା ମିଆଁମାରରେ ଅଙ୍ଗ ସାନ ସୁ କି ସରକାରଙ୍କୁ ଗାଦିଚ୍ୟୁତ କରିଥିଲା । ଜେନେରାଲ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ଜନବିରୋଧ ଏବଂ ସଶସ୍ତ୍ର ପ୍ରତିରୋଧର କାରଣ ହୋଇଥିଲା ଯାହା ଏକ ଘାତକ ଗୃହଯୁଦ୍ଧରେ ପରିଣତ ହୋଇଥିଲା ।ପିପୁଲ୍ସ ଡିଫେନ୍ସ ଫୋର୍ସ, ଆରାକାନ୍ ଆର୍ମି, କାଚିନ୍ ଇଣ୍ଡିପେଣ୍ଡେନ୍ସ ଆର୍ମି ଏବଂ କରେନ୍ ନ୍ୟାସନାଲ୍ ୟୁନିଅନର ବିଦ୍ରୋହୀ ଯୋଦ୍ଧାମାନଙ୍କ ବିରୁଦ୍ଧରେ ଲଢ଼ି ଜୁଣ୍ଟା ସାମ୍ପ୍ରତିକ ଦିନଗୁଡ଼ିକରେ ମିଆମାର ଉପରେ ନିଜର ନିୟନ୍ତ୍ରଣ ହରାଇଛି । ଏସବୁ ଭିତରେ, ଭାରତ ସମେତ ପଡ଼ୋଶୀ ଦେଶଗୁଡ଼ିକର ନଜର ମିଆଁମାର ଉପରେ ରହିଛି । ଭାରତ ଏକ ବିଶେଷ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି କାରଣ ଚୀନ୍ ମିଆଁମାରରେ ଡବଲ ଗେମ୍ ଖେଳୁଛି ଏବଂ ଆମେରିକା ମଧ୍ୟ ଏହାର ନିୟନ୍ତ୍ରଣ ବୃଦ୍ଧି କରିବାକୁ ଚାହୁଁଛି । ପଡ଼ୋଶୀ ବାଂଲାଦେଶର ମଧ୍ୟ ମିଆମାରରେ ଭୂମିକା ରହିଛି । ଏସବୁ ଭିତରେ, ଭାରତ ନିଜର ସ୍ୱାର୍ଥ ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛି । ଇରାୱାଡି ଡଟ୍ କମ୍ ରିପୋର୍ଟ ଅନୁଯାୟୀ, ମିଆଁମାରର ଗୃହଯୁଦ୍ଧରେ ଚୀନ୍ ଡବଲ ଗେମ୍ ଖେଳୁଛି । ଗୋଟିଏ ପଟେ ଚୀନ୍ ସାମରିକ ଶାସକ ଜୁଣ୍ଟାକୁ ସମର୍ଥନ କରିବା ସହିତ ଅନ୍ୟପଟେ ଜାତିଗତ ବିଦ୍ରୋହୀ ଗୋଷ୍ଠୀଗୁଡ଼ିକୁ ମଧ୍ୟ ସାହାଯ୍ୟ କରୁଛି । ଚୀନ୍ ନିଜର ଆର୍ଥିକ ଏବଂ ରଣନୈତିକ ସ୍ୱାର୍ଥକୁ ସୁରକ୍ଷିତ ରଖିବାକୁ ଚାହୁଁଛି । ଚୀନ୍ ମିଆଁମାରରେ ପ୍ରଚୁର ପରିମାଣରେ ନିବେଶ କରିଛି ଏବଂ ଏହାକୁ ବଞ୍ଚାଇବାକୁ ଚାହୁଁଛି । ଭାରତ ମିଆଁମାରରେ ଅନେକ ବିକାଶ ପ୍ରକଳ୍ପରେ ନିବେଶ କରିଛି । ଗୃହଯୁଦ୍ଧ ଯୋଗୁ ଏହି ପ୍ରକଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ଭାରତ ପାଖରେ ମିଆଁମାରରେ କଳାଡନ ମଲ୍ଟିମୋଡାଲ ଟ୍ରାନଜିଟ୍ ପରିବହନ ପ୍ରକଳ୍ପ, ଭାରତ-ମିଆଁମାର-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥ ଭଳି ପ୍ରକଳ୍ପ ଅଛି । ଏହା ବ୍ୟତୀତ ସୀମା ସୁରକ୍ଷା ପ୍ରସଙ୍ଗ ମଧ୍ୟ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି । ଆମେରିକା ଦକ୍ଷିଣ ଏସିଆରେ ନିଜର ପ୍ରଭାବ ବୃଦ୍ଧି କରିବାକୁ ଚାହୁଁଛି । ଆମେରିକା ମିଆଁମାର ଏବଂ ବାଂଲାଦେଶରେ ନିଜ ପସନ୍ଦର ଶାସନ ପ୍ରତିଷ୍ଠା କରିବାକୁ ଚାହୁଁଛି । ଆମେରିକା ଚୀନର ବୃଦ୍ଧି ପାଉଥିବା ପ୍ରଭାବକୁ ରୋକିବାକୁ ପ୍ରୟାସ କରୁଛି । ଆମେରିକା ଏହା ମଧ୍ୟ ସୁନିଶ୍ଚିତ କରିବାକୁ ଚାହୁଁଛି ଯେ, ଭାରତ ଏହି ଅଞ୍ଚଳରେ ବହୁତ ଶୀଘ୍ର ଆଗକୁ ନ ଯାଉ । ଆମେରିକା ମିଆଁମାରର ଚିନ୍ ରାଜ୍ୟ ଏବଂ ଭାରତର ମଣିପୁର ଏବଂ ମିଜୋରାମରେ ଖ୍ରୀଷ୍ଟିଆନ ପ୍ରଭାବକୁ ପ୍ରୋତ୍ସାହିତ କରୁଛି । ବାଂଲାଦେଶରେ ମୌଳବାଦୀ ଇସଲାମିକ ଚିନ୍ତାଧାରାର ପ୍ରଭାବ ବୃଦ୍ଧି ପାଉଛି । ଦେଶରେ ଉଦାରବାଦୀ ଲୋକଙ୍କୁ ଟାର୍ଗେଟ କରାଯାଉଛି । ଭାରତ ମିଆଁମାର ଏବଂ ବାଂଲାଦେଶର ପରିସ୍ଥିତି ବିଷୟରେ ଚିନ୍ତିତ କିନ୍ତୁ ଭାରତ ସିଧାସଳଖ ସାମରିକ ହସ୍ତକ୍ଷେପକୁ ଏଡାଇବାକୁ ଚାହୁଁଛି । ଭାରତ ଆମେରିକା, ସାଉଦି ଆରବ ଏବଂ ୟୁଏଇ ଭଳି ଦେଶ ସହିତ ନିବିଡ଼ ଭାବରେ କାମ କରୁଛି । ଭାରତ ବାଂଲାଦେଶକୁ ପୁଣିଥରେ ଧର୍ମନିରପେକ୍ଷ କରିବା ପାଇଁ ଚାପ ପକାଉଛି । ମିଆଁମାରରେ ଚୀନର ବୃଦ୍ଧି ପାଉଥିବା ପ୍ରଭାବକୁ ରୋକିବା ମଧ୍ୟ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପଡିବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି ।

# ପୁଣି ଖଣ୍ଡ ଖଣ୍ଡ ହେବ ପାକିସ୍ତାନ

**ଇସଲାମାବାଦ,୧୯।୨(ଏଜେନ୍ସି):** ଇସଲାମିକ ଧର୍ମଗୁରୁ ତଥା ପାକିସ୍ତାନୀ ସାଂସଦ ମୌଲାନା ଫଜଲୁର ରେହମାନ ପାକିସ୍ତାନକୁ ୧୯୭୧ ମସିହାର ବିଭାଜନ କଥା ମନେ ପକାଇ ଦେଇଛନ୍ତି, ଯେତେବେଳେ ପୂର୍ବ ପାକିସ୍ତାନ ଭାଙ୍ଗି ବାଂଲାଦେଶ ହୋଇଯାଇଥିଲା । ସେ କହିଛନ୍ତି ଯେ ବେଲୁଚିସ୍ତାନ ପାକିସ୍ତାନରୁ ଅଲଗା ହୋଇପାରେ । ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି ଯେ ବେଲୁଚିସ୍ତାନର ୫ରୁ ୭ଟି ଜିଲ୍ଲା ସ୍ୱାଧୀନତା ଘୋଷଣା କରିପାରନ୍ତି । ଭାରତ-ପାକିସ୍ତାନ ଯୁଦ୍ଧକୁ ଉଲ୍ଲେଖ କରି ସେ ଚେତାବନୀ ଦେଇଛନ୍ତି ଯେ ପୁଣି ଥରେ ସମାନ ପରିସ୍ଥିତି ଉପୁଜିପାରେ । ସେ ପାକିସ୍ତାନର ନ୍ୟାସନାଲ ଆସେମ୍ବଲି (ଏନଏ)ରେ ପ୍ରକାଶ କରିଛନ୍ତି ଯେ ଯଦି ବେଲୁଚିସ୍ତାନର ଜିଲ୍ଲାଗୁଡ଼ିକ ସ୍ୱାଧୀନତା ଘୋଷଣା କରନ୍ତି, ତେବେ ଜାତିସଂଘ ସେମାନଙ୍କ ସ୍ୱାଧୀନତାକୁ ସ୍ୱୀକୃତି ଦେଇପାରିବ । ଏହାବ୍ୟତୀତ ସେନାକୁ ଟାର୍ଗେଟ କରି ସେ କହିଛନ୍ତି ଯେ କିଛି ଶକ୍ତିଶାଳୀ ବ୍ୟକ୍ତି ବନ୍ଦ କୋଠରୀରେ ନିଷ୍ପତ୍ତି ନିଅନ୍ତି, ଯାହାକୁ ସରକାର ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି । ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ କୁରମରେ ପୁଣି ଥରେ ହିଂସାକାଣ୍ଡ ଘଟିଥିବା ବେଳେ ସେ ଏଭଳି ବୟାନ ଦେଇଛନ୍ତି ।

# ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୃଢ ଭାବରେ ଛିଡ଼ା ହୋଇଛନ୍ତି ମୋଦି ସରକାର

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୃଢ ଭାବରେ ଛିଡ଼ା ହୋଇଛନ୍ତି ମୋଦି ସରକାର । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ବସିଥିବା ଏକ ବୈଠକରେ ୨୦୨୪ରେ ଅକସ୍ମାତ ବନ୍ୟା, ଭୂସ୍ଖଳନ, ଏବଂ ବାତ୍ୟା ପ୍ରଭାବିତ ୫ ରାଜ୍ୟକୁ ଏନଡିଆରଏଫ୍ ଫଣ୍ଡରୁ ୧୫୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଞ୍ଜୁରି ଦିଆଯାଇଛି । ଏନେଇ ଅମିତ ଶାହ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ସୂଚନା ଦେଇଛନ୍ତି । ସରକାରୀ ବିବୃତ୍ତି ଅନୁଯାୟୀ, ମୋଟ ୧୫୫୪.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି, ଓଡ଼ିଶା ପାଇଁ ୨୫୫.୨୪ କୋଟି, ତେଲେଙ୍ଗାନା ପାଇଁ ୨୩୧.୭୫ କୋଟି ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ମଞ୍ଜୁରି ମିଳିଛି । ଅମିତ ଶାହା ନିଜ ସୋସିଆଲ ମିଡ଼ିଆ । ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ମୋଦି ସରକାର ଦୃଢ ଭାବରେ ଛିଡ଼ା ହୋଇଛନ୍ତି । ଗୃହ ମନ୍ତ୍ରଣାଳୟ NDRF ଅଧୀନରେ ଆନ୍ଧ୍ର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ତେଲେଙ୍ଗାନା ଏବଂ ତ୍ରିପୁରାକୁ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ମଞ୍ଜୁର ହେଇଛନ୍ତି । ଏହା NDR ପାଣ୍ଠି ଅଧୀନରେ ୨୭ଟି ରାଜ୍ୟକୁ କେନ୍ଦ୍ର ଦ୍ୱାରା ଜାରି କରାଯାଇଥିବା ୧୮,୩୨୨.୮୦ କୋଟି ଟଙ୍କା ରାଶିର ଅତିରିକ୍ତ ।

# ସୁନା ଦର ଲକ୍ଷେ ଟପିବା ଆଶଙ୍କା

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱବ୍ୟାପୀ ସୁନା ଦରକୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତୁତି କରୁଥିବା ଚର୍ଚ୍ଚା ହେଉଛି । ଟ୍ରମ୍ପଙ୍କ ଯୋଗୁ ଭାରତରେ ୧ ଭରି (୧୦ ଗ୍ରାମ) ସୁନାର ମୂଲ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିବାର ଆଶଙ୍କା ଦେଖାଦେଇଛି । ନ୍ୟୁୟର୍କର ସୁନା ଭଣ୍ଡାର ଦ୍ୱିଗୁଣିତ ହୋଇଛି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସେ ଲଣ୍ଡନର ଥ୍ରେଡ୍ ଷ୍ଟ୍ରିଟ୍ ତଳେ ଥିବା ବିଶ୍ୱର ସର୍ବବୃହତ ସୁନା ରିଜର୍ଭରୁ ଆମେରିକାର ସୁନା ମଗାଇବା ଆରମ୍ଭ କରିଛନ୍ତି । ଫଳରେ ଏପର୍ଯ୍ୟନ୍ତ ୮୦୦୦ ସୁନା ବାର୍ ଆମେରିକାର ନ୍ୟୁୟର୍କ ସୁନା ରିଜର୍ଭରେ ପହଞ୍ଚିଛି ଏବଂ ଏହି କାରଣରୁ ନ୍ୟୁୟର୍କ ସୁନା ରିଜର୍ଭ ୧୭.୫ନିୟୁତ ଟ୍ରୟ ଆଉନ୍ସରୁ ୩୪ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି । ବିଶ୍ୱର ସର୍ବବୃହତ ସୁନା ଭଣ୍ଡାର ଲଣ୍ଡନର ଥ୍ରେଡ୍ ନିଡଲ୍ ଷ୍ଟ୍ରିଟ୍ ତଳେ ଅବସ୍ଥିତ । ଏଠାରେ, ବ୍ୟାଙ୍କ ଅଫ୍ ଇଂଲଣ୍ଡର ଭଣ୍ଡାରରେ ୨୨ ଲକ୍ଷ କୋଟି ଟଙ୍କାର ସୁନା ଜମା ହୋଇ ରହିଛି । ସାରା ବିଶ୍ୱର ବଡ଼ ବଡ଼ ବ୍ୟବସାୟୀମାନେ ଏହି ବ୍ୟାଙ୍କରେ ସେମାନଙ୍କର ସୁନା ରଖନ୍ତିୟ ଏପରି ପରିସ୍ଥିତିରେ, ଆମେରିକାର ସୁନା ଫେରାଇ ନେବା ଆଗାମୀ ଦିନରେ ଏହାର ମୂଲ୍ୟ ବୃଦ୍ଧି ପାଇବାର ଏକ ବଡ଼ ସଙ୍କେତ ଦେଉଛି ।ଆମେରିକା ଯେଉଁଭଳି ଭାବରେ ସୁନା ଭଣ୍ଡାର ବୃଦ୍ଧି କରୁଛି, ସେଥିରୁ ସ୍ପଷ୍ଟ ଯେ, ଡୋନାଲ୍ଡ ଟ୍ରମ୍ପ ଆଗାମୀ ଦିନରେ ସୁନା ଆମଦାନୀ ଉପରେ ଶୁଳ୍କ ଲଗାଇପାରନ୍ତି । ଯଦି ଏହା ହୁଏ, ତେବେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇବା ସ୍ୱାଭାବିକ । ଗତ କିଛି ମାସ ମଧ୍ୟରେ ଭାରତରେ ସୁନା ଆମଦାନୀ ୪୧ ପ୍ରତିଶତ ବୃଦ୍ଧି ପାଇଛି । ଏହି କାରଣରୁ, ଆଗାମୀ ଦିନରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିପାରେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି ।

# ରମଜାନ ପାଇଁ ମୁସଲିମ୍ କର୍ମଚାରୀଙ୍କ କାର୍ଯ୍ୟ ସମୟକୁ ହ୍ରାସ କଲେ ତେଲେଙ୍ଗାନା ସରକାର, ବିଜେପିର କଡା ବିରୋଧ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ମୁସଲମାନମାନଙ୍କ ପବିତ୍ର ମାସ ରମଜାନକୁ ନେଇ ତେଲେଙ୍ଗାନା ସରକାରଙ୍କ ବଡ ଘୋଷଣା । ରମଜାନ ସମୟରେ ବିଭିନ୍ନ ସରକାରି ସଂସ୍ଥା, ସର୍ବଜନୀନ କ୍ଷେତ୍ର ଓ ଶିକ୍ଷା ସଂସ୍ଥାନ ଗୁଡିକରେ କାର୍ଯ୍ୟ କରୁଥିବା ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ନିଜ କାର୍ଯ୍ୟକ୍ଷେତ୍ରରୁ ଜଲଦି ଘରକୁ ଯାଇପାରିବେ ବୋଲି ନୂଆ ନିୟମ ଆସିଛି । ତେଲେଙ୍ଗାନାରେ ଏହି ନୂଆ ନିୟମ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ । ଏହି ନୂଆ ନିୟମ ଅନୁଯାୟୀ ମୁସଲିମ କର୍ମଚାରି ମାନେ ପ୍ରତିଦିନ ଭଳି ୫ ଟାରେ ଛୁଟି ନନେଇ ୪ଟାରେ ଛୁଟି ନେଇ ପାରିବେ ବୋଲି ଜଣା ପଡିଛି । ଏନେଇ ତେଲେଙ୍ଗାନାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଯେଉଁଥିରେ ଶିକ୍ଷକ, ଚୁକ୍ତିଭିତ୍ତିକ ତଥା ଆଉଟସୋର୍ସିଂ କର୍ମଚାରୀଙ୍କ ସହ ବୋର୍ଡରେ କାମ କରୁଥିବା କର୍ମଚାରି ଓ ସାର୍ବଜନୀନ କ୍ଷେତ୍ରରେ କାମ କରୁଥିବା ସମସ୍ତ ମୁସଲିମ କର୍ମଚାରୀମାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ଏହି ନିଷ୍ପତ୍ତି ଦ୍ୱାରା ରମଜାନ ମାସରେ ଉପବାସ କରୁଥିବା ମୁସଲିମ୍ କର୍ମଚାରିମାନଙ୍କୁ ସେମାନଙ୍କ ଧାର୍ମିକ କର୍ମ ଓ ପାର୍ଥନା କରିବାରେ ସହାୟକ ହେବ । ତେବେ ତେଲେଙ୍ଗାନା ସରକାରଙ୍କ ଏହି ନିଷ୍ପତ୍ତି ସର୍ବସମ୍ମୁଖକୁ ଆସିବା ପରେ ରାଜ୍ୟ ବିଜେପିର କର୍ମକର୍ତ୍ତାମାନେ ଏହାର କଡା ସମାଲୋଚନା କରିଛନ୍ତି । ବିଜେପି ବିଧାୟକ ରାଜା ସିଂ ଏହି ନିଷ୍ପତିକୁ ବିରୋଧ କରି ଏହାକୁ ଏକ ଶସ୍ତା ରାଜନୀତି ବୋଲି କହିଛନ୍ତି । କଂଗ୍ରେସ ଦଳ ଜିତିବା ପାଇଁ ମୁସଲିମ ଭୋଟରଙ୍କ ଉପରେ ନିର୍ଭରଶୀଳ । ତେଣୁ ଏହି ପ୍ରକାରର ଶସ୍ତା ରାଜନୀତି କରି ଦଳ ସେମାନଙ୍କୁ ଖୁସି କରିବାକୁ ଚାହୁଁଛି । ଏହି ନିଷ୍ପତ୍ତି ସମାଜରେ ଧାର୍ମିକ ବିଭାଜନ ସୃଷ୍ଟିକରିବ । ସମସ୍ତଙ୍କ ପାଇଁ ସମାନ ନିୟମ, ନଚେତ କାହା ପାଇଁ କୈଣସି ନିୟମ ପ୍ରଣୟନ କରାଯିବା କଥା ନୁହେଁ ବୋଲି ସେ କହିଛନ୍ତି । ଏହି ନିଷ୍ପତ୍ତିରେ କଡା ସମୋଲୋଚନାର ସାମ୍ନା କରିବାକୁ ପଡିବାରୁ ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସଏଦ ନିଜାମଉଦ୍ଦିନ ଏହାକୁ ବିଜେପିର ଏକ ଚାଲ ବୋଲି କହିଛନ୍ତି । ବିଜେପି ସାମ୍ପ୍ରଦାୟିକ ଭାଷଣ ଦେବାରେ ପାରଙ୍ଗମ ହୋଇଗଲାଣି । ଦଶହରା ସମୟରେ ୧୩ ଦିନର ଛୁଟି ଜାରି କରାଯାଇଛି । ସରକାର ସମସ୍ତଙ୍କୁ ନଜରରେ ରଖି ସବୁ ପ୍ରକାରର ନିଷ୍ପତ୍ତି ନିଅନ୍ତି । ହେଲେ ବିଜେପି ବାସ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି ।

# ଅଗଷ୍ଟା ୱେଷ୍ଟଲାଣ୍ଡ ଲାଞ୍ଚ ମାମଲାରେ ମିସେଲ ଜେମ୍ସଙ୍କୁ ଜାମିନ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କ୍ରୟ ଦୁର୍ନୀତିର ଅଭିଯୁକ୍ତ ଖ୍ରୀଷ୍ଟିଆନ ମିସେଲ ଜେମ୍ସଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ଦୁର୍ନୀତି ମାମଲାରେ କୋର୍ଟ ମିସେଲଙ୍କୁ ଜାମିନ ପ୍ରଦାନ କରିଛନ୍ତି । ୬ ବର୍ଷ ଜେଲରେ ରହିବା ଆଧାରରେ କୋର୍ଟ ମିସେଲଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ସର୍ତ୍ତମୂଳକ ଜାମିନ ପ୍ରଦାନ କରି କହିଛନ୍ତି ଯେ ମିସେଲ ପାସପୋର୍ଟ ନବୀକରଣ କରିବା ପରେ ଏହାକୁ ଆତ୍ମସମର୍ପଣ କରିବାକୁ ପଡ଼ିବ । ପୂର୍ବରୁ ସିବିଆଇ ମାମଲାରେ ଦିଲ୍ଲୀ ହାଇକୋର୍ଟ ଜାମିନ ନାମଞ୍ଜୁର କରିଥିଲେ । ଏହି ନିଷ୍ପତ୍ତି ବିରୋଧରେ ମିଶେଲ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ । ଏହା ପୂର୍ବରୁ ସୁପ୍ରିମକୋର୍ଟ ଖ୍ରୀଷ୍ଟିଆନ ମିସେଲ ଜେମ୍ସଙ୍କ ଜାମିନ ଆବେଦନକୁ ଖାରଜ କରି କହିଥିଲେ ଯେ ଜେମ୍ସ ତାଙ୍କର ଅଧା ଦଣ୍ଡାଦେଶ କାଟିସାରିଥିବାରୁ ତାଙ୍କୁ ଜାମିନରେ ମୁକ୍ତ କରାଯିବା ଉଚିତ ବୋଲି ଯୁକ୍ତି ଗ୍ରହଣ କରାଯାଇପାରିବ ନାହିଁ ।

ରମଜାନ ପାଇଁ ମୁସଲିମ୍ କର୍ମଚାରୀଙ୍କ କାର୍ଯ୍ୟ ସମୟକୁ ହ୍ରାସ କଲେ ତେଲେଙ୍ଗାନା ସରକାର, ବିଜେପିର କଡା ବିରୋଧ

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ମୁସଲମାନମାନଙ୍କ ପବିତ୍ର ମାସ ରମଜାନକୁ ନେଇ ତେଲେଙ୍ଗାନା ସରକାରଙ୍କ ବଡ ଘୋଷଣା । ରମଜାନ ସମୟରେ ବିଭିନ୍ନ ସରକାରି ସଂସ୍ଥା, ସର୍ବଜନୀନ କ୍ଷେତ୍ର ଓ ଶିକ୍ଷା ସଂସ୍ଥାନ ଗୁଡିକରେ କାର୍ଯ୍ୟ କରୁଥିବା ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ନିଜ କାର୍ଯ୍ୟକ୍ଷେତ୍ରରୁ ଜଲଦି ଘରକୁ ଯାଇପାରିବେ ବୋଲି ନୂଆ ନିୟମ ଆସିଛି । ତେଲେଙ୍ଗାନାରେ ଏହି ନୂଆ ନିୟମ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ । ଏହି ନୂଆ ନିୟମ ଅନୁଯାୟୀ ମୁସଲିମ କର୍ମଚାରି ମାନେ ପ୍ରତିଦିନ ଭଳି ୫ ଟାରେ ଛୁଟି ନନେଇ ୪ଟାରେ ଛୁଟି ନେଇ ପାରିବେ ବୋଲି ଜଣା ପଡିଛି । ଏନେଇ ତେଲେଙ୍ଗାନାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଯେଉଁଥିରେ ଶିକ୍ଷକ, ଚୁକ୍ତିଭିତ୍ତିକ ତଥା ଆଉଟସୋର୍ସିଂ କର୍ମଚାରୀଙ୍କ ସହ ବୋର୍ଡରେ କାମ କରୁଥିବା କର୍ମଚାରି ଓ ସାର୍ବଜନୀନ କ୍ଷେତ୍ରରେ କାମ କରୁଥିବା ସମସ୍ତ ମୁସଲିମ କର୍ମଚାରୀମାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ଏହି ନିଷ୍ପତ୍ତି ଦ୍ୱାରା ରମଜାନ ମାସରେ ଉପବାସ କରୁଥିବା ମୁସଲିମ୍ କର୍ମଚାରିମାନଙ୍କୁ ସେମାନଙ୍କ ଧାର୍ମିକ କର୍ମ ଓ ପାର୍ଥନା କରିବାରେ ସହାୟକ ହେବ । ତେବେ ତେଲେଙ୍ଗାନା ସରକାରଙ୍କ ଏହି ନିଷ୍ପତ୍ତି ସର୍ବସମ୍ମୁଖକୁ ଆସିବା ପରେ ରାଜ୍ୟ ବିଜେପିର କର୍ମକର୍ତ୍ତାମାନେ ଏହାର କଡା ସମାଲୋଚନା କରିଛନ୍ତି । ବିଜେପି ବିଧାୟକ ରାଜା ସିଂ ଏହି ନିଷ୍ପତିକୁ ବିରୋଧ କରି ଏହାକୁ ଏକ ଶସ୍ତା ରାଜନୀତି ବୋଲି କହିଛନ୍ତି । କଂଗ୍ରେସ ଦଳ ଜିତିବା ପାଇଁ ମୁସଲିମ ଭୋଟରଙ୍କ ଉପରେ ନିର୍ଭରଶୀଳ । ତେଣୁ ଏହି ପ୍ରକାରର ଶସ୍ତା ରାଜନୀତି କରି ଦଳ ସେମାନଙ୍କୁ ଖୁସି କରିବାକୁ ଚାହୁଁଛି । ଏହି ନିଷ୍ପତ୍ତି ସମାଜରେ ଧାର୍ମିକ ବିଭାଜନ ସୃଷ୍ଟିକରିବ । ସମସ୍ତଙ୍କ ପାଇଁ ସମାନ ନିୟମ, ନଚେତ କାହା ପାଇଁ କୈଣସି ନିୟମ ପ୍ରଣୟନ କରାଯିବା କଥା ନୁହେଁ ବୋଲି ସେ କହିଛନ୍ତି । ଏହି ନିଷ୍ପତ୍ତିରେ କଡା ସମୋଲୋଚନାର ସାମ୍ନା କରିବାକୁ ପଡିବାରୁ ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସଏଦ ନିଜାମଉଦ୍ଦିନ ଏହାକୁ ବିଜେପିର ଏକ ଚାଲ ବୋଲି କହିଛନ୍ତି । ବିଜେପି ସାମ୍ପ୍ରଦାୟିକ ଭାଷଣ ଦେବାରେ ପାରଙ୍ଗମ ହୋଇଗଲାଣି । ଦଶହରା ସମୟରେ ୧୩ ଦିନର ଛୁଟି ଜାରି କରାଯାଇଛି । ସରକାର ସମସ୍ତଙ୍କୁ ନଜରରେ ରଖି ସବୁ ପ୍ରକାରର ନିଷ୍ପତ୍ତି ନିଅନ୍ତି । ହେଲେ ବିଜେପି ବାସ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି ।

# ଅଶ୍ଳୀଳ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ୟୁଟ୍ୟୁବରେ ଅଶ୍ଳୀଳ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ । ୟୁଟ୍ୟୁବର୍ ରଣବୀର ଆଲ୍ଲାବାଦିଆଙ୍କ ଆଶାଳୀନ ମନ୍ତବ୍ୟ ଚର୍ଚ୍ଚା ପରେ ଅଦାଲତ ଏହି ନୋଟିସ୍ ଜାରି କରିଛନ୍ତି । ୟୁଟ୍ୟୁବ୍ ପ୍ଲାଟଫର୍ମରେ ପ୍ରଦର୍ଶିତ ହାସ୍ୟ ଅଭିନେତା ସମୟ ରାଇନାଙ୍କ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍' ସୋ'ରେ ରଣବୀର ଆଲ୍ଲାବାଦିଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ତାଙ୍କ ବିରୋଧରେ ଏକାଧିକ ମାମଲା ଦାୟର ହେବା ପରେ ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା । ରଣବୀର ଆଲ୍ଲାବାଦିଆଙ୍କ ଆବେଦନର ଶୁଣାଣି କରିବା ପରେ ସୁପ୍ରିମକୋର୍ଟ ଏହି ପର୍ଯ୍ୟବେକ୍ଷଣ ଦେଇଛନ୍ତି । ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରି କହିଛନ୍ତି ଯେ ଯଦି ସରକାର ୟୁଟ୍ୟୁବ୍ରେ ଅନଲାଇନ୍ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବାକୁ ଯୋଜନା କରନ୍ତି, ତେବେ ଖଣ୍ଡପୀଠ ବହୁତ ଖୁସି ହେବେ । ଉଲ୍ଲେଖଯୋଗ୍ୟ, ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ''ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ । ଏହି ସମୟରେ ସେ ଜଣେ ପ୍ରତିଯୋଗୀଙ୍କୁ ପ୍ରଶ୍ନ କରିଥିଲେ, ତୁମେ କ'ଣ ତୁମ ବାପାମାଙ୍କୁ ଜୀବନସାରା ପ୍ରତିଦିନ ଶାରୀରିକ ସମ୍ପର୍କ ରଖୁଥିବାର ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ସାମିଲ ହୋଇ ସବୁଦିନ ପାଇଁ ବନ୍ଦ କରିଦେବ ? ତାଙ୍କର ଏହି ପ୍ରଶ୍ନ କାହାକୁ ପସନ୍ଦ ଆସିନଥିଲା । ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ୍ ଏବେ ସେହି ଭିଡିଓକୁ ଡିଲିଟ୍ କରିଦେଇଛି ।

ଅଶ୍ଳୀଳ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ୟୁଟ୍ୟୁବରେ ଅଶ୍ଳୀଳ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରକୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ । ୟୁଟ୍ୟୁବର୍ ରଣବୀର ଆଲ୍ଲାବାଦିଆଙ୍କ ଆଶାଳୀନ ମନ୍ତବ୍ୟ ଚର୍ଚ୍ଚା ପରେ ଅଦାଲତ ଏହି ନୋଟିସ୍ ଜାରି କରିଛନ୍ତି । ୟୁଟ୍ୟୁବ୍ ପ୍ଲାଟଫର୍ମରେ ପ୍ରଦର୍ଶିତ ହାସ୍ୟ ଅଭିନେତା ସମୟ ରାଇନାଙ୍କ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍' ସୋ'ରେ ରଣବୀର ଆଲ୍ଲାବାଦିଆଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ତାଙ୍କ ବିରୋଧରେ ଏକାଧିକ ମାମଲା ଦାୟର ହେବା ପରେ ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା । ରଣବୀର ଆଲ୍ଲାବାଦିଆଙ୍କ ଆବେଦନର ଶୁଣାଣି କରିବା ପରେ ସୁପ୍ରିମକୋର୍ଟ ଏହି ପର୍ଯ୍ୟବେକ୍ଷଣ ଦେଇଛନ୍ତି । ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରି କହିଛନ୍ତି ଯେ ଯଦି ସରକାର ୟୁଟ୍ୟୁବ୍ରେ ଅନଲାଇନ୍ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବାକୁ ଯୋଜନା କରନ୍ତି, ତେବେ ଖଣ୍ଡପୀଠ ବହୁତ ଖୁସି ହେବେ । ଉଲ୍ଲେଖଯୋଗ୍ୟ, ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ''ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ । ଏହି ସମୟରେ ସେ ଜଣେ ପ୍ରତିଯୋଗୀଙ୍କୁ ପ୍ରଶ୍ନ କରିଥିଲେ, ତୁମେ କ'ଣ ତୁମ ବାପାମାଙ୍କୁ ଜୀବନସାରା ପ୍ରତିଦିନ ଶାରୀରିକ ସମ୍ପର୍କ ରଖୁଥିବାର ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ସାମିଲ ହୋଇ ସବୁଦିନ ପାଇଁ ବନ୍ଦ କରିଦେବ ? ତାଙ୍କର ଏହି ପ୍ରଶ୍ନ କାହାକୁ ପସନ୍ଦ ଆସିନଥିଲା । ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ୍ ଏବେ ସେହି ଭିଡିଓକୁ ଡିଲିଟ୍ କରିଦେଇଛି ।

# ଉଦ୍‌ଘାଟନୀ ଲଢ଼େଇରେ ହାରିଲା ପାକିସ୍ତାନ

## ୱିଲ ଓ ଲାଥମଙ୍କ ଶତକରେ ନ୍ୟୁଜିଲାଣ୍ଡ ୩୨୦/୫, ପାକିସ୍ତାନ ୨୬୦







କରାଚି, ୧୯।୨ (ଏଜେନ୍ସି): ପାକିସ୍ତାନର କରାଚୀସ୍ଥିତ ନ୍ୟାସନାଲ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଆୟୋଜିତ ଚାମ୍ପିଅନ୍ସ ଟ୍ରଫି-୨୦୨୫ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଶକ୍ତି ପ୍ରଦର୍ଶନ କରି ଆୟୋଜକ ପାକିସ୍ତାନକୁ ଚିତପଟାଙ୍ଗ୍ କରିଛି । ୩୨୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୪୭.୨ ଓଭରରେ ଅଲ୍‌ଆଉଟ ହୋଇଛନ୍ତି ପାକିସ୍ତାନ ଦଳ ୨୬୦ ରନ୍ ସଂଗ୍ରହ କରିବା ସହିତ ଏହି ମ୍ୟାଚ୍‌ରେ ୬୦ ରନ୍‌ରେ ହାରିଯାଇଛି।

ପାକିସ୍ତାନ ତରଫରୁ ସୌଦ ସକିଲ ୬ରନ୍, ବାବର ଆଜମ ୬୪ ରନ୍, ଅଧିନାୟକ ମହମ୍ମଦ ରିଜୱାନ ୩ ରନ୍, ଫକର ଜମାନ ୨୪ ରନ୍, ସଲମାନ ଆଘା ୪୨ ରନ୍, ତୟାବ ତାହିର ୧ ରନ୍ ସଂଗ୍ରହ କରିଥିଲେ ଖୁସଦିଲ୍ ଶାହ ୬୯ ରନ୍, ସାହିନ ସାହ ଆଫ୍ରିଦି ୧୪ ରନ୍, ନସିମ ଶାହ ୧୩ ରନ୍ ଓ ହାରିସ ରୌଫ୍ ୧ ରନ୍ ସଂଗ୍ରହ କରିଥିଲେ। ଅନ୍ୟପଟରେ ନ୍ୟୁଜିଲାଣ୍ଡ ତରଫରୁ ୱିଲ୍ ଓରୁର୍କି ଓ ଅଧିନାୟକ ମିଚେଲ ସାଣ୍ଟନର ୩-୩ ୱିକେଟ୍ ନେଇଥିଲେ ମାଟ୍ ହେନରିଙ୍କ ହାତରେ ୨ ଜଣ ଖେଳାଳି ଆଉଟ୍ ହୋଇଥିଲାବେଳେ ମାଇକେଲ ବ୍ରେସ୍‌ୱେଲ ଓ ନାଥନ ସ୍ମିଥ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ଦୁଇ ଓପନର ୱିଲ ୟଙ୍ଗ ଓ ଡେଭନ କନୱେ ପ୍ରଥମ ୱିକେଟ୍ ପାଇଁ ୩୯ ରନ ଯୋଡ଼ିଥିଲେ। କନୱେ (୧୦ ରନ) ପାଭିଲିୟନ ଫେରିଥିଲେ। ପୁଣି ଦଳର ନିର୍ଭରଯୋଗ୍ୟ ବ୍ୟାଟର କେନ୍ ୱିଲିୟମସନ (୧ ରନ) କରି ଆଉଟ୍ ହେବା ନ୍ୟୁଜିଲାଣ୍ଡକୁ ବଡ଼ ଝଟକା ଲାଗିଥିଲା। ଡାରିଲ ମିଚେଲ (୧୦ ରନ) ମଧ୍ୟ କିଛି ଖାସ୍ କରି ପାରି ନ ଥିଲେ। ୭୩ ରନରେ ୩ ୱିକେଟ୍ ହରାଇ ଅଡୁଆ ସ୍ଥିତିରେ ଥିବା ନ୍ୟୁଜିଲାଣ୍ଡର ଇନିଂସ ସମ୍ଭାଳିଥିଲେ ଓପନର ୱିଲ ୟଙ୍ଗ ଓ ଟମ ଲାଥମ ଦୁଇ ବ୍ୟାଟର ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। କ୍ରିଜରେ ଜମିବା ପରେ ଦ୍ରୁତ ବ୍ୟାଟିଂ କରିଥିଲେ। ୟଙ୍ଗ ଲଢୁଆ। ଶତକୀୟ ଇନିଂସ ଖେଳି ୧୧୩ ବଲରୁ ୧୨ ଚୌକା ଓ ୧ ଛକା ସହ ୧୦୭ ରନ କରିଥିଲେ।

ଏହା ପରେ ଟମ୍ ଲାଥମ ମୋର୍ଚ୍ଚା ସମ୍ଭାଳିଥିବା ବେଳେ ଗ୍ଲେନ ଫିଲିପ୍ସ ତାଙ୍କୁ ଉତ୍ତମ ସହଯୋଗ ଦେଇଥିଲେ। ଅର୍ଦ୍ଧଶତକ ହାସଲ ପରେ ଲାଥମ ଦ୍ରୁତ ବ୍ୟାଟିଂ କରିଥିଲେ। ଏହି କ୍ରମରେ ସେ ନିଜର ଦିନିକିଆ କ୍ୟାରିୟରରେ ଅଷ୍ଟମ ଶତକ ପୂରା କରିଥିଲେ। ଅନ୍ୟପଟେ ଗ୍ଲେନ ଫିଲିପ୍ସ ଧୂଆଁଧାର ବ୍ୟାଟିଂ କରି ୩୯ ବଲ୍‌ରୁ ୩ ଚୌକା ଓ ୪ ଛକା ସହ ୬୧ ରନର ଇନିଂସ ଖେଳିଥିଲେ। ଫିଲିପ୍ସ ଆଉଟ୍ ହେବା ପୂର୍ବରୁ ଲାଥମଙ୍କ ସହ ପଞ୍ଚମ ୱିକେଟ୍‌ରେ ୧୨୫ ରନର ଭାଗିଦାରୀ ଯୋଡ଼ିଥିଲେ। ଟମ୍ ଲାଥମ ୧୦୪ ବଲ୍‌ରୁ ୧୦ ଚୌକା ୧ ୩ ଛକା ସହ ୧୧୮ ରନର ଅପରାଜିତ ଇନିଂସ ଖେଳିଛନ୍ତି।ଶେଷରେ ନ୍ୟୁଜିଲାଣ୍ଡ ୫ ୱିକେଟ୍ ହରାଇ ୩୨୦ ରନ କରିଛି। ବୋଲିଂରେ ନସୀମ ଶାହ ୧୦ ଓଭରରେ ୬୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଛନ୍ତି।ହାରିସ ରଉଫଙ୍କୁ ଦୁଇଟି ସଫଳତା ମିଳିଥିଲେ ହେଁ ସେ ୧୦ ଓଭରରେ ୮୩ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଅବରାର ଅହମ୍ମଦଙ୍କୁ ଗୋଟିଏ ୱିକେଟ୍ ମିଳିଛି।

# ଆଜି ଭାରତ-ବାଂଲାଦେଶ ଲଢ଼େଇ





ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଆଜିଠୁ ଆରମ୍ଭ ହୋଇଯାଇଛି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପାକିସ୍ତାନ ଓ ଦୁବାଇରେ ଏହି ମ୍ୟାଚ୍ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚରେ ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଛି। ପାକିସ୍ତାନର କରାଚିରେ ଏହି ମ୍ୟାଚ୍ ଖେଳାଯାଉଥିବା ଦେଖିବାକୁ ମିଳିଛି। ଆଜିଠାରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଥିବା ବେଳେ ଏହା ୯ ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯିବ। ଗ୍ରୁପ୍ -ଏରେ ଭାରତ ସହ ବାଂଲାଦେଶ, ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ଅଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ଖେଳିବ। କାଲି ଟିମ୍ ଇଣ୍ଡିଆ। ବାଂଲାଦେଶକୁ ଭେଟିବ। ଏହି ମ୍ୟାଚ୍ ଦୁବାଇଠାରେ ହେବ। ତେବେ ସବୁଠୁ ବଡ଼ ହାଇପ୍ରୋଫାଇଲ ମ୍ୟାଚ୍ ୨୩ ତାରିଖରେ ଖେଳାଯିବ। ଏହି ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ସେହିପରି ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ଟିମକୁ ଭେଟିବ ଟିମ୍ ଇଣ୍ଡିଆ । ଭାରତ ନିଜର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ୧୯୯୬ ପରେ ପାକିସ୍ତାନରେ ଆଇସିସିର କୌଣସି ବଡ଼ ଟୁର୍ଣ୍ଣାମେଣ୍ଟ ହେଉଛି।ମୋଟ୍ ୮ଟି ଟିମ୍ ଭାଗ ନେଉଛନ୍ତି।ଅନ୍ୟ ଟିମ୍‌ମାନେ ପାକିସ୍ତାନରେ ମ୍ୟାଚ୍ ଖେଳିବେ ତେବେ ଭାରତ ତାର ସମସ୍ତ ମ୍ୟାଚ୍ ଦୁବାଇରେ ହିଁ ଖେଳିବ ।

# ପାକିସ୍ତାନକୁ ହାଲୁକା ଭାବେ ନେବାକୁ ଚାହୁଁନାହାନ୍ତି କୋହଲି



ଦୁବାଇ, ୧୯।୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସବୁଠାରୁ ବଡ଼ ମ୍ୟାଚ୍ ୨୩ ଫେବୃଆରୀରେ ଖେଳାଯିବ ଏହି ମ୍ୟାଚ୍‌ରେ ଭାରତ ଏବଂ ପାକିସ୍ତାନ ଦଳ ପରସ୍ପର ସହ ମୁହାଁମୁହିଁ ହେବେ ଏହି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ପ୍ରତ୍ୟେକ କ୍ରିକେଟ ପ୍ରେମୀ ଏହି ମ୍ୟାଚକୁ ଅପେକ୍ଷା କରିଛନ୍ତି ଏହାକୁ କ୍ରିକେଟର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱିତା ବୋଲି ବିବେଚନା କରାଯାଇଥାଏ କାରଣ ଉଭୟ ଦଳ କେବଳ ଟୁର୍ନାମେଣ୍ଟ ଏବଂ ଏସିଆ। କପ୍‌ରେ ପରସ୍ପର ସହିତ ମୁକାବିଲା କରନ୍ତି ଏପରି ପରିସ୍ଥିତିରେ ଉଭୟ ଦଳର ଖେଳାଳିଙ୍କ ଉପରେ ବହୁତ ଚାପ ରହିଛି ପାକିସ୍ତାନ ବିପକ୍ଷରେ ଖେଳିବା ପୂର୍ବରୁ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ମଧ୍ୟ ଏହି ମ୍ୟାଚ୍ ଉପରେ ଏକ ବଡ଼ ବୟାନ ଦେଇଛନ୍ତି।

ଯଦିଓ ମ୍ୟାଚ୍‌ଗୁଡ଼ିକରେ ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଭଲ, ତଥାପି ବିରାଟ କୋହଲି ପାକିସ୍ତାନ ଦଳକୁ ଆଦୌ ହାଲୁକା ଭାବରେ ନେବାକୁ ଚାହାଁନ୍ତି ନାହିଁ ଷ୍ଟାର ସ୍ପୋର୍ଟସରେ ଭାରତ-ପାକିସ୍ତାନ ମ୍ୟାଚ୍ ବିଷୟରେ କୋହଲି କହିଛନ୍ତି ଯେ ପାକିସ୍ତାନ ଏକ ଶକ୍ତିଶାଳୀ ଦଳ ଏଥର ତାଙ୍କର କୌଣସି ଆଘାତ ସମସ୍ୟା ନାହିଁ ସମସ୍ତ ଖେଳାଳି ଫିଟ୍ ଅଛନ୍ତି ଏବେ ପାକିସ୍ତାନ ଦଳ ଭଲ ଖେଳୁଛନ୍ତି ସେମାନେ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆରେ ମ୍ୟାଚ୍ ଜିତିଛନ୍ତି ଏବଂ ଘରୋଇ ପରିବେଶରେ ମଧ୍ୟ ବହୁତ ଭଲ ପ୍ରଦର୍ଶନ କରିଛନ୍ତି।

କହିରଖୁଛୁ ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶେଷ ମ୍ୟାଚ୍ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଖେଳାଯାଇଥିଲା ସେହି ମ୍ୟାଚ୍‌ରେ ଟିମ ଇଣ୍ଡିଆ। ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା ସେହିପରି ଫର୍ମାଟ୍‌ରେ ଏହି ଦୁଇ ଦଳ ମଧ୍ୟରେ ଶେଷ ମୁକାବିଲା ୨୦୨୩ ବିଶ୍ୱକପ ସମୟରେ ହୋଇଥିଲା ସେତେବେଳେ ଭାରତୀୟ ଦଳ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିଲା କିନ୍ତୁ ନିକଟ ଅତୀତରେ ଖେଳାଳିଙ୍କ ଆଘାତ ଯୋଗୁ ପାକିସ୍ତାନ ଦଳ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ଏଥର ସେମାନଙ୍କର ସମସ୍ତ ବଡ଼ ଖେଳାଳିମାନେ ମଇଦାନକୁ ଓହ୍ଲାଇବେ।

ଯଦି ଆମେ ଚାମ୍ପିଅନ୍ସ ଟ୍ରଫି ବିଷୟରେ କଥା ହେବା, ତେବେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ୫ଟି ମ୍ୟାଚ୍ ଖେଳାଯାଇଛି ଯେଉଁଥିରେ ପାକିସ୍ତାନ ୩ ଥର ଜିତିଛି ସେହିଭଳି ଭାରତ କେବଳ ୨ ଥର ଜିତିପାରିଛି ଏପରି ପରିସ୍ଥିତିରେ, ଏଠାରେ ପାକିସ୍ତାନର ପ୍ରଭାବ ଅଧିକ ଥିବା ପରି ମନେ ହେଉଛି ସେହି ସମୟରେ, ଚାମ୍ପିଅନ୍ସ ଟ୍ରଫିରେ ଦୁଇ ଦଳ ମଧ୍ୟରେ ଶେଷ ମୁକାବିଲା ୨୦୧୭ରେ ଖେଳାଯାଇଥିଲା ତାପରେ ପାକିସ୍ତାନ ଦଳ ଭାରତକୁ ପରାସ୍ତ କରି ଟୁର୍ନାମେଣ୍ଟ ଟାଇଟଲ ଜିତିଥିଲା।

# ଚାମ୍ପିଅନ୍ସ ଟ୍ରଫି ପ୍ରସାରଣ ପାଇଁ ୩୬ କୋଠରୀ



ନୂଆଦିଲ୍ଲୀ, ୧୯।୨: ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଏବଂ ଦୁବାଇ ସମେତ ୪ଟି ସ୍ଥାନରେ ଖେଳାଯିବ। ତାର ପ୍ରସାରଣ ରଣନୀତିର ଅଂଶ ସ୍ୱରୂପ ପ୍ରତ୍ୟେକ ସ୍ଥାନରେ ଅତି କମ୍‌ରେ ୩୬ କୋଠରୀ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଏହାର ବିଶେଷ ବୈଶିଷ୍ଟ୍ୟ ହେବ ଯେ ଏହା ସହିତ ବିଶ୍ଳେଷଣାତ୍ମକ ଏବଂ ଦୃଶ୍ୟ ବୃଦ୍ଧି ଉପକରଣ ମଧ୍ୟ ଉପଲବ୍ଧ ହେବ। ଫଳରେ ପ୍ରଶଂସକମାନେ ଲାଇଭ୍ ମ୍ୟାଚ୍ ସମୟରେ ରିଅଲ୍ ଟାଇମ୍‌ରେ ଦଳଗୁଡ଼ିକର ଫିଲ୍ଡିଂ ସ୍ଥିତି ଏବଂ ରଣନୀତିକୁ ସହଜରେ ବୁଝିପାରିବେ।

ଏହାଛଡ଼ା ପ୍ରତ୍ୟେକ ଷ୍ଟାଡିୟମରେ ଡ୍ରୋନ କ୍ୟାମେରା ନିୟୋଜିତ କରିଛି। ଏଗୁଡ଼ିକ ଆକାଶରୁ ସ୍ଥାନ ଏବଂ ଏହାର ଆଖପାଖର ବସ୍ତୁଗୁଡ଼ିକୁ ଦେଖାଇବ। ରୋଭିଂ ବଗି କ୍ୟାମ ଭୂମି ସ୍ତରର ଦୃଶ୍ୟଗୁଡ଼ିକୁ କଏଦ କରିବ ସିଗ୍ନେଚର ସ୍ପାଇଡର ପ୍ରତ୍ୟେକ କାର୍ଯ୍ୟକୁ ବିଭିନ୍ନ ଦୃଷ୍ଟିକୋଣରୁ କଭର କରିବ। କେବଳ ଏତିକି ନୁହେଁ, ମୋବାଇଲରେ ମ୍ୟାଚ ଦେଖୁଥିବା ଦର୍ଶକଙ୍କ ପାଇଁ ଟିଭି ସହିତ ସହଭାଗୀ ହୋଇଛି।

ଚାମ୍ପିଅନ୍ସ ଟ୍ରଫି ପାଇଁ ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ସୁରେଶ ରାଇନା, ହରଭଜନ ସିଂହଙ୍କଠାରୁ ଆରମ୍ଭ କରି ଆକାଶ ଚୋପ୍ରା ପ୍ରମୁଖ ଚାମ୍ପିଅନ୍ସ ଟ୍ରଫି ସମୟରେ ଭାଷ୍ୟକାର କରିବେ। ସେହିଭଳି ଦୁଇ ପୂର୍ବତନ ପାକିସ୍ତାନୀ କିମ୍ବଦନ୍ତୀ ୱାହାବ ରିଆଜ ଏବଂ ୱାକାର ୟୁନିସ ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ନଜର ଆସିବେ। ଏମାନଙ୍କ ବ୍ୟତୀତ ଅମ୍ବାତି ରାୟୁଡୁ, ପୀୟୁଷ ଚାୱଲା, ବରୁଣ ଆରୋନ, ସଞ୍ଜୟ ବାଙ୍ଗର, ଦୀପ ଦାସଗୁପ୍ତା, ରବିନ ଉଥାପ୍ପା, ମହମ୍ମଦ କୈଫ, ଜତିନ ସାପ୍ରୁ ଏବଂ ସଞ୍ଜୟ ମାଞ୍ଜରେକର ମଧ୍ୟ ସାମିଲ ଅଛନ୍ତି।

ରମିଜ ରାଜା, ୱାସିମ ଆକ୍ରମ, ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ ଏବଂ ଦିନେଶ କାର୍ତ୍ତିକଙ୍କ ପରି ପୂର୍ବତନ ଭାରତ-ପାକିସ୍ତାନ ଖେଳାଳିମାନେ ଇଂରାଜୀ କମେଣ୍ଟ୍ରି ପ୍ୟାନେଲରେ ପ୍ରଶଂସକଙ୍କ ମନୋରଞ୍ଜନ କରିବେ। ତାଙ୍କ ବ୍ୟତୀତ ଡେଲ ଷ୍ଟେନ୍, ଇଆନ୍ ବିଶପ, ସାଇମନ୍ ଡଲ, ମାଥ୍ୟୁ ହେଡେନ୍, ଆରୋନ୍ ଫିଞ୍ଚ, ନାସେର ହୁସେନ୍, ଇଆନ ସ୍ମିଥ, ମାଇକେଲ ଆଥରଟନ୍, ଶନ ପୋଲକ୍, ଇଆନ ୱାର୍ଡ, ଅଥର ଅଲି ଖାନ୍, ମେଲ ଜୋନ୍ସ, କେଟି ମାର୍ଟିନ, ବାଜିଦ ଖାନ, କାସ ନାଇଡୁ ଏବଂ ପମି ମ୍ବାଙ୍ଗାଙ୍କୁ ଇଂରାଜୀ କମେଣ୍ଟ୍ରି ପ୍ୟାନେଲରେ ସ୍ଥାନ ଦିଆଯାଇଛି।

# ଓଡିଶା ଟେନିସ ବଲ କ୍ରିକେଟ ଦଳର ତାମିଲନାଡୁ ଯାତ୍ରା

ଭୁବନେଶ୍ୱର, ୧୯।୨: ଆସନ୍ତା ଫେବୃଆରୀ ୨୧ ତାରିଖ ଠାରୁ ଆରମ୍ଭ କରି ୨୩ ତାରିଖ ୨୦୨୫ ପର୍ଯ୍ୟନ୍ତ ତାମିଲନାଡୁ ରେ ଆୟୋଜିତ ହେବାକୁ ଥିବା ୩୨ ତମ ଜାତୀୟ ଫେଡେରେସନ କପ ଟେନିସ ବଲ କ୍ରିକେଟ ଚାମ୍ପିଅନସିପ ପାଇଁ ଓଡିଶା ଦଳ ଆଜି ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ଓଡିଶା ରାଜ୍ୟ ଟେନିସ ବଲ କ୍ରିକେଟ ସଂଘ ର ସଭାପତି ସୁରଜ ମିଶ୍ର, ସମ୍ପାଦକ ସିଥିଲ ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ପରିଡା ଓ କୋଚ ଚକ୍ରଧର ମାଝୀ ଓଡିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡିଶା ଦଳ – ଅମ୍ରିତ କୁମାର ଦାସ (ମୟୁରଭଞ୍ଜ), ପ୍ରିତମ କୁମାର ପ୍ରଧାନ (କନ୍ଧମାଳ), ବିକାଶ କୁମାର ବାଛା (ବଲାଙ୍ଗୀର), ରାଜ ସୌରଭ ପରିଡା (ଖୋର୍ଦ୍ଧା), ରାଜା ବିଷୋୟୀ (ଗଞ୍ଜାମ), ଉପେନ୍ଦ୍ର କୁମାର କହ୍ନର (କନ୍ଧମାଳ), ସୁଦାମ ବେହେରା (ବୌଦ୍ଧ), ଶରତ କୁମାର କହ୍ନର (ଫୁଲବାଣୀ), ଭେଙ୍କଟେଶ କୁମାର (କଳାହାଣ୍ଡି), ଜଗନ୍ନାଥ କହ୍ନର (କନ୍ଧମାଳ), ୱିପିନା ନାଥ (ଭୁବନେଶ୍ୱର), ମିର ସାଜିଦ ଆଲ୍ଲୀ (ଖୋର୍ଦ୍ଧା), ଅଭିତେଶ ପଣ୍ଡା (ଭୁବନେଶ୍ୱର), ରାଜ ଯାଥାର୍ଥ ପରିଡା (ଖୋର୍ଦ୍ଧା), ସୁନୀଲ କୁମାର ମହାରଣା (କୋଚ), ରଞ୍ଜନ କୁମାର ନାୟକ (ମ୍ୟାନେଜେର)।

## ହୃଦ୍‌ଘାତରେ ଆଖି ବୁଜିଲେ ଭେଟେରାନ କ୍ରିକେଟର

ନୂଆଦିଲ୍ଲୀ, ୧୯।୨: ଭାରତୀୟ କ୍ରିକେଟ ପାଇଁ ଦୁଃଖଦ ଖବର ଘରୋଇ କ୍ରିକେଟରେ ମୁମ୍ବାଇ ଦଳର ଅଧିନାୟକ ତଥା ଭେଟେରାନ ମିଲିନ୍ଦ ରେଗେଙ୍କର ହୃଦଘାତରେ ମୃତ୍ୟୁ ଘଟିଛି। ସେ ଘରୋଇ କ୍ରିକେଟରେ ଏକ ବଡ଼ ନାମ ଥିଲେ। ଟିମ ଇଣ୍ଡିଆର କିମ୍ବଦନ୍ତୀ ଖେଳାଳି ସୁନୀଲ ଗାଭାସ୍କରଙ୍କ ଘନିଷ୍ଠ ବନ୍ଧୁ ଥିଲେ। ଦୁହେଁ ମୁମ୍ବାଇ ପାଇଁ ଏକାଠି ଖେଳିଥିଲେ ।ଗତ ସପ୍ତାହରେ ଫେବୃଆରୀ ୧୬ ତାରିଖରେ ସେ ତାଙ୍କର ୭୬ତମ ଜନ୍ମଦିନ ପାଳନ କରିଥିଲେ। ହେଲେ ହଠାତ୍ ବୁଧବାର ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ କ୍ରିକେଟଜଗତରେ ଶୋକର ଛାୟା ଖେଳିଯାଇଛି।ମିଲିନ୍ଦ ରେଗେଙ୍କ କ୍ୟାରିୟର ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିଲା। ସେ ୧୯୬୬-୬୭ ରୁ ୧୯୭୭-୭୮ ପର୍ଯ୍ୟନ୍ତ ଘରୋଇ କ୍ରିକେଟ ଖେଳିଥିଲେ। ହେଲେ ସେ କେବେବି ଟିମ ଇଣ୍ଡିଆ। ପାଇଁ ଡେବ୍ୟୁ କରିପାରି ନ ଥିଲେ। ଘରୋଇ କ୍ରିକେଟରେ ସେ ସ୍ପିନ ଅଲରାଉଣ୍ଡର ଭାବରେ ୫୨ଟି ମ୍ୟାଚ୍ ଖେଳିଥିଲେ। ଏହି ଇନିଂସଗୁଡ଼ିକରେ ମିଲିନ୍ଦ ୨୩.୫୬ ହାରରେ ୧୫୩୨ ରନ କରିଥିଲେ। ବୋଲିଂରେ ସେ ୨୯.୮୩ ହାରରେ ୧୨୬ ଉଇକେଟ ନେଇଥିଲେ।

# ଫୁଟବଲ୍ ମ୍ୟାଚ୍‌ରେ ଫୁଟିଲା ବାଣ, ୫୦ ଆହତ

ଥିରୁଭନନ୍ତପୁରମ, ୧୯/୦୨: ମଙ୍ଗଳବାର ରାତିରେ କେରଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମାଲାପ୍ପୁରମ ଜିଲ୍ଲାର ଆରିକୋଡ ସହରରେ ଏକ ଫୁଟବଲ୍ ମ୍ୟାଚ୍ ସମୟରେ ଅଗ୍ନିକାଣ୍ଡ ଯୋଗୁ ୫୦ ରୁ ଅଧିକ ଦର୍ଶକ ପୋଡ଼ି ଯାଇଛନ୍ତି। ମ୍ୟାଚ୍ ଆରମ୍ଭ ହେବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା ।ସୂଚନାଥାଉକି, ମ୍ୟାଚ୍ ପୂର୍ବରୁ ଆୟୋଜକମାନେ ସେଠାରେ ଏକ ବଡ଼ ବାଣଫୁଟା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଠିକ୍ ଏହି ସମୟରେ ବାଣ ଅନିୟନ୍ତ୍ରିତ ଭାବେ ଏଣେତେଣେ ଫୁଟିଥିଲା, ଏଥିରୁ କିଛି ଷ୍ଟାଡିୟମରେ ବସିଥିବା ଦର୍ଶକଙ୍କ ଆଡ଼କୁ ଯାଇ ଫୁଟିବାକୁ ଲାଗିଲା। ଏପରି ପରିସ୍ଥିତିରେ ସେଠାରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସୌଭାଗ୍ୟବଶତଃ, ଏହି ଦୁର୍ଘଟଣାରେ କୌଣସି ଜୀବନହାନି ହୋଇନାହିଁ, ଯଦିଓ ଏହି ଦୁର୍ଘଟଣାରେ ଦୁଇଜଣ ଦର୍ଶକ ଗୁରୁତର ଭାବରେ ପୋଡ଼ିଯାଇଛନ୍ତି, ତଥାପି ତାଙ୍କୁ ତୁରନ୍ତ ମେଡିକାଲକୁ ନିଆଯାଇ, ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ଅରିକୋଡ ପୋଲିସ କହିଛି ଯେ, ମଲ୍ଲପୁରମ ଜିଲ୍ଲାର ଅରିକୋଡ ଅଞ୍ଚଳର ଏକ ଷ୍ଟାଡିୟମରେ 'ସେଭେନ୍ସ' ଫୁଟବଲ୍ ଟୁର୍ନାମେଣ୍ଟର ଏକ ମ୍ୟାଚ୍ ସମୟରେ ବାଣ ଫୁଟିବା ଯୋଗୁଁ ୫୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି।ଆହତମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଲୋକଙ୍କର ବିଶେଷ କ୍ଷୟକ୍ଷତି ହୋଇନାହିଁ। ମ୍ୟାଚ୍ ପୂର୍ବରୁ ବାଣଫୁଟା କାର୍ଯ୍ୟକ୍ରମ ବେଳେ ଏହି ଦୁର୍ଘଟଣା ଘଟିଥିଲା ପାଖରେ ବସିଥିବା ଦର୍ଶକଙ୍କ ଭିତରୁ ବାଣର ପ୍ରଭାବ ପଡ଼ିବା ଫଳରେ କିଛି ଲୋକ ପ୍ରଭାବିତ ହୋଇଥିଲେ। ଆୟୋଜକମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୨୮୮ (ବିସ୍ଫୋରକ ପଦାର୍ଥ ସମ୍ପର୍କରେ ଅବହେଳା) ଏବଂ ୧୨୫ (ଖ) (ଅନ୍ୟଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ଟ୍ରୋଲ୍ ହେଲେ ଗମ୍ଭୀର

ନୂଆଦିଲ୍ଲୀ, ୧୯।୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆଜିଠାରୁ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହାଛଡ଼ା ଦଳ ୨୩ ଫେବୃଆରୀରେ ଏହାର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଦଳ ପାକିସ୍ତାନ ସହିତ ମୁକାବିଲା କରିବ। ଭାରତୀୟ ଦଳର ଏହି ପ୍ରସ୍ତୁତି ମଧ୍ୟରେ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଜୋରଦାର ଟ୍ରୋଲ ହେଉଛନ୍ତି । କାରଣ ସେ ଦୁବାଇରେ ବଲିଉଡ ଅଭିନେତା ବିକି କୌଶଳଙ୍କ ଫିଲ୍ମ ଛାଭା ଦେଖିବାକୁ ଯାଇଥିଲେ। ଏହା ପରେ ସେ ଏକ ସୋସିଆଲ ମିଡିଆ। ପୋଷ୍ଟ କରିଥିଲେ, ଯାହାକୁ ନେଇ ପ୍ରଶଂସକ ତାଙ୍କୁ ଟ୍ରୋଲ କରୁଛନ୍ତି। ରିଲିଜ ହେବା ଦିନଠାରୁ ଛାଭା ଦର୍ଶକେ ବେଶ ପସନ୍ଦ କରୁଛନ୍ତି ସେଥିପାଇଁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏହାକୁ ଦୁବାଇରେ ଦେଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ସେ ତାଙ୍କ ସୋସିଆଲ ମିଡିଆରେ ଲେଖିଥିଲେ, ଛତ୍ରପତି ସମ୍ଭାଜୀ ମହାରାଜ, ମାତୃଭୂମି ପ୍ରତି ସମର୍ପଣ! ଗମ୍ଭୀର ଏହା ପୋଷ୍ଟ କରିବା ମାତ୍ରେ ଟ୍ରୋଲ ହୋଇଥିଲେ ଜଣେ ପ୍ରଶଂସକ ତାଙ୍କୁ ଚାମ୍ପିଅନ୍ସ ଟ୍ରଫି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ଆଉ ଜଣେ କହିଥିଲେ ଯେ ଭାଇ, ଆମକୁ ଚାମ୍ପିଅନ୍ସ ଟ୍ରଫିରେ ହରାଇବ ନାହିଁ। ସେହିଭଳି ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, କୋଚିଂ ଦିଅ ଭାଇ, ତୁମେ କଣ ସିନେମା ଦେଖୁଛ।

# କରାଚୀ ଛାତିରେ ଉଡିଲା ତ୍ରିରଙ୍ଗା

ନୂଆଦିଲ୍ଲୀ, ୧୯।୨: ଶେଷରେ ପାକିସ୍ତାନକୁ ପୁଣି ଥରେ ଭାରତ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ପଡିଛି। ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ, ପାକିସ୍ତାନର କରାଚୀ-ଲାହୋର ଷ୍ଟାଡିୟମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ଦେଖାଯାଇଥିଲା ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ




କରୁଥିବା ସମସ୍ତ ଦଳର ପତାକା ଷ୍ଟାଡିୟମର ଛାତ ଉପରେ ଉଡୁଥିବା ବେଳେ ସେଠାରେ ଭାରତୀୟ ତ୍ରିରଙ୍ଗା ଗାଏବ ଥିଲା।

ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ସାରା ବିଶ୍ୱରେ ପାକିସ୍ତାନକୁ ନିନ୍ଦା କରାଯାଇଥିଲା ଏହି ଘଟଣା ପରେ, ପାକିସ୍ତାନ କ୍ରିକେଟ୍ ବୋର୍ଡ କହିଥିଲା ଯେ ଏସବୁ ର ନିର୍ଦ୍ଦେଶରେ ଘଟୁଛି କିନ୍ତୁ ଏବେ ପାକିସ୍ତାନର କରାଚୀ ଷ୍ଟାଡିୟମରେ କିମ୍ବା ପାକିସ୍ତାନର ଛାତିରେ ତ୍ରିରଙ୍ଗା ପତାକା ଉଡ଼ାଯାଇଛି।

ତେବେ ଏହି ଖବର ଚାମ୍ପିୟନ୍ସ ଟ୍ରଫି ଆୟୋଜନ ସହିତ ଜଡିତ ରହିଛି। ୨୩ ବର୍ଷ ପରେ ପାକିସ୍ତାନକୁ କୌଣସି ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ମିଳିଛି। ଯାହା ଆଧାରରେ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ୍ ଆୟୋଜନର ଅଧିକାର ପାକିସ୍ତାନକୁ ମିଳିଛି। କିନ୍ତୁ ବିସିସିଆଇ ସୀମା ଏବଂ ସୁରକ୍ଷା କାରଣରୁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା । ଏହାପରେ ପିସିବିର ଇଚ୍ଛା ନ ଥାଇ ମଧ୍ୟ ଟୁର୍ନାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବାକୁ ପଡିଥିଲା ଯାହାଦ୍ୱାରା ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

## ମହମ୍ମଦ କୈଫଙ୍କ ଆକାଉଣ୍ଟ ହ୍ୟାକ୍

ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ମହମ୍ମଦ କୈଫ ବଡ଼ ଅଡୁଆରେ ଫସି ଯାଇଛନ୍ତି। ତାଙ୍କର ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି।ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ପ୍ରଶଂସକମାନଙ୍କୁ ଏହି ସୂଚନା ଦେଇଛନ୍ତି । ଏହା ବ୍ୟତୀତ ସେ ଏକ ଅପିଲ ମଧ୍ୟ କରିଛନ୍ତି। ମହମ୍ମଦ କୈଫ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ନମସ୍କାର, ମୋର ହ୍ୟାକ୍ ହୋଇଯାଇଛି। ଆପଣଙ୍କୁ ଅନୁରୋଧ କରୁଛି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ଶେୟାର କରନ୍ତୁ ନାହିଁ ଏବଂ କାହାକୁ ବିଶ୍ୱାସ କରନ୍ତୁ ନାହିଁ ମୋ ରୁ ଭୁଲ ସୂଚନା ଯାଉଛି ଧନ୍ୟବାଦ। ପ୍ରତିଦିନ କୋଟି କୋଟି ବ୍ୟବହାରକାରୀ ଏହି ଆପ୍‌ରେ ସକ୍ରିୟ ରହୁଛନ୍ତି। ଏହି କାରଣରୁ ହ୍ୟାକର୍ସମାନେ ଏହି ଆପକୁ ନିଜର ନୂଆ ଠିକଣା କରିନେଇଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ, ଏହା ପୂର୍ବରୁ ମଧ୍ୟ ଅନେକ ବଡ଼ ଖେଳାଳିଙ୍କୁ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି।କିନ୍ତୁ ଏଥର ମହମ୍ମଦ କୈଫ ଅସୁବିଧାରେ ପଡ଼ିଛନ୍ତି।

# ଭାରତୀୟ ହକି ଦଳକୁ ଯୁଗଳ ଝଟ୍‌କା







ଭୁବନେଶ୍ୱର, ୧୯।୨: କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଆୟୋଜକ ଭାରତକୁ ମଙ୍ଗଳବାର ଯୁଗଳ ଝଟ୍‌କା ଲାଗିଛି। ଅପରାହ୍ଣରେ ଭାରତୀୟ ମହିଳା ଦଳ ସ୍ପେନ୍‌ଠାରୁ ୩-୪ ଗୋଲ୍‌ରେ ହାରିଯାଇଛି। ରାତିରେ ପୁରୁଷ ଦଳ ଅନ୍ୟତମ ୟୁରୋପୀୟ ଶକ୍ତି ତଥା ବିଶ୍ୱବିଜେତା ଜର୍ମାନୀଠାରୁ ଶୋଚନୀୟ ଭାବେ ୧-୪ ଗୋଲ୍‌ରେ ପରାଜିତ ହୋଇଛି।ଫଳରେ କଳିଙ୍ଗ ହକିପ୍ରେମୀ ନିରାଶ ହୋଇଛନ୍ତି।ଉଭୟ ଦଳ ଏବେ ପାଲଟା ମୁକାବିଲାରେ ଏହି ଦୁଇ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିବେ। ନିଜନିଜ ପାଲଟା ମୁକାବିଲାରେ ବୁଧବାର ଯଥାକ୍ରମେ ସ୍ପେନ୍ ଓ ଜର୍ମାନୀକୁ ଭେଟି ବିଜୟ ଧାରାକୁ ଫେରିବାକୁ ଚେଷ୍ଟା କରିବେ।

ଭାରତୀୟ ମହିଳା ଦଳ ସ୍ପେନ୍‌କୁ କଡ଼ା ଟକ୍କର ଦେଇଥିଲା। ପୁରୁଷ ଦଳ କିନ୍ତୁ ଜର୍ମାନୀ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ଏକତରଫା ମୁକାବିଲାରେ ଭାରତୀୟ ପୁରୁଷ ଦଳକୁ ଜର୍ମାନୀ ତିନିଟି ଗୋଲ୍ ବ୍ୟବଧାନରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ଗୁରଜାଣ୍ଟ ସିଂହ (୧୩ ମିନିଟ୍) ଦେଇଥିଲେ। ଅନ୍ୟପକ୍ଷରେ ଜର୍ମାନୀର ଫ୍ଲୋରିଆନ୍ ସ୍ପିଟରଲିଙ୍ଗ୍ (୭ ମିନିଟ୍), ଥିଏସ୍ ପ୍ରିଞ୍ଜ୍ (୧୪ ମିନିଟ୍), ମାଇକେଲ ଷ୍ଟଥପ୍ (୪୮ ମିନିଟ୍) ଓ ରାଫଲ ହର୍ଟକେଫ୍ (୫୫ ମିନିଟ୍) ସଫଳ ହୋଇଥିଲେ। ଚଳିତ ସଂସ୍କରଣରେ ଭାରତୀୟ ପୁରୁଷ ଦଳର ଏହା ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଥିଲା।

ନିୟମିତ ଅଧିନାୟକ ହର୍ମନପ୍ରୀତ ସିଂହଙ୍କ ଅନୁପସ୍ଥିତିରେ ଓଡ଼ିଆ। ତାରକା ଅମିତ ରୋହିଦାସ ଆଜି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ବ୍ୟକ୍ତିଗତ ଭାବେ ଅମିତ ଏବଂ ଅନ୍ୟ ଦୁଇ ସ୍ଥାନୀୟ ଖେଳାଳି ଶିଳାନନ୍ଦ ଲାକ୍ରା ଓ ନୀଲମ ସଂଜୀପ ଖେସ୍ ଭଲ କରିଥିଲେ ମଧ୍ୟ ଗତି ଓ ପାସ୍ ଚାଳନାରେ ଭାରତୀୟ ଦଳକୁ ଜର୍ମାନୀ ଚକ୍‌ମା ଦେବାରେ ସଫଳ ହୋଇଥିଲା। ସେହିଭଳି ପିଆର୍ ଶ୍ରୀଜେଶଙ୍କ ପରେ ଭାରତୀୟ ଗୋଲ୍ ରକ୍ଷଣର ମାନ ଯେ କ୍ରମାଗତ ଭାବେ ତଳମୁହାଁ ହୋଇଛି, ତାହା ଆଜି ମ୍ୟାଚ୍‌ରୁ ପୁଣି ଥରେ ପ୍ରମାଣିତ ହୋଇଥିଲା।

ଭାରତୀୟ ମହିଳା ହକି ଦଳ ଲଢ଼େଇ କରି ସ୍ପେନ୍‌ଠାରୁ ୩-୪ ଗୋଲ୍‌ରେ ହାରିଛି। ଉଦ୍‌ଘାଟନୀ ଦିବସରେ ଇଂଲଣ୍ଡକୁ ହରାଇ ଆତ୍ମବିଶ୍ୱାସର ସହ ଅଭିଯାନ ଅରମ୍ଭ କରିଥିବା ସଲିମା ଟେଟେଙ୍କ ନେତୃତ୍ୱାଧୀନ ଦଳ ପାଲଟା ମୁକାବିଲାରେ ଇଂଲଣ୍ଡଠାରୁ ସୁଟ୍‌ଆଉଟ୍ ହୋଇଥିଲା। ଏଣୁ ସ୍ପେନ୍ ବିପକ୍ଷରେ ବିଜୟ ଧାରାକୁ ଫେରିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ଏହା ସମ୍ଭବ ହୋଇନି। ୪୫ ମିନିଟ୍ କାଳ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିବା ସତ୍ତ୍ୱେ ଶେଷ କ୍ୱାର୍ଟରରେ ଦୁଇଟି ଗୋଲ୍ ବରଣ କରି ପରାଜିତ ହୋଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ